ଦ୍ୱିତୀୟ ବର୍ଷ • ଷଷ୍ଠ ସଂଖ୍ୟା
ସେପ୍ଟେମ୍ବର-ଅକ୍ଟୋବର, ୨୦୧୭



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)





କଟକରେ ଅନୁଷ୍ଠିତ ଜୀବନ ନିର୍ମାଣ ଶିବିର-୨୦୧୭ରେ 'ସତ୍ୟାର୍ଥପ୍ରକାଶ' ପୁସ୍ତକ ଓ 'ଶ୍ରୁତିସୌରଭ' ପତ୍ରିକାର ଅଙ୍କ ଉନ୍ମୋଚନ ଅବସରରେ ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ, ଲୋକସେବକ ମଣ୍ଡଳର ସମ୍ପାଦକ ନିରଞ୍ଜନ ରଥ, ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କ ସହ ସମ୍ପାଦକ ପଦ୍ମନାଭ ସ୍ୱାଇଁ



ସ୍ୱାମୀ ବିବେକାନନ୍ଦଙ୍କୁ ସ୍ୱାଗତ କରୁଛନ୍ତି କୋଷାଧକ୍ଷ ଦଣ୍ଡପାଣି ମିଶ୍ର




ନିରଞ୍ଜନ ରଥଙ୍କୁ ସ୍ୱାଗତ କରୁଛନ୍ତି ଦୁଷ୍ମନ୍ତ କିଶୋର ସ୍ୱାଇଁ




ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କୁ ସ୍ୱାଗତ କରୁଛନ୍ତି ସୁଶୀଲ ମହାପାତ୍ର




ପୂଜ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଉଦ୍‌ଘାଟନୀ ଉଦ୍‌ବୋଧନ




କନ୍ଧମାଳ ଜିଲ୍ଲାର ଶିବିରାର୍ଥୀଗଣ



ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ





ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ





ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)



❁

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❁

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

❁

ପରିଚାଳନା ସମ୍ପାଦକ

**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

❁

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଦୁଷ୍ମନ୍ତ କିଶୋର ସ୍ୱାଇଁ**

❁

ପରିଚାଳନା ମଣ୍ଡଳୀ

**ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଲଳିତମଞ୍ଜରୀ ସାହୁ**

❁



କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org



**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**

Spiritual Social Vedic Magazine

Bimonthly

Vol-2, Issue-6, Sept-Oct 2017


## ସୂଚୀପତ୍ର


୦୧. ଏକାଧିକ ଲୋକ ଏକତ୍ର ଦୁଃଖ ପାଆନ୍ତି କାହିଁକି ? ୦୨

୦୨. ସତ୍ୟାର୍ଥ ପ୍ରକାଶ ୧୪


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ସର୍ବେ ଭବନ୍ତୁ ସୁଖିନଃ :**

# ଏକାଧିକ ଲୋକ ଏକତ୍ର ଦୁଃଖ ପାଆନ୍ତି କାହିଁକି ?

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ. —** ଆମେ ଦେଖୁ ଯେ ଏକାଧିକ ଲୋକ ଏକତ୍ର ଅର୍ଥାତ୍ ଏକାଠି, ଏକା ସାଙ୍ଗରେ, ଏକା ସ୍ଥାନରେ, ଏକ ଘଟଣା କାରଣରୁ ଦୁଃଖ ପାଆନ୍ତି। ଆମେ କହୁ ଯେ ପୂର୍ବଜନ୍ମର କର୍ମଫଳ ଆମକୁ ଏ ଜନ୍ମରେ ଭୋଗ କରିବାକୁ ପଡ଼େ। ସମସ୍ତଙ୍କ କର୍ମ ତ ଅଲଗା-ଅଲଗା। ତେଣୁ ଫଳ ବି ଅଲଗା-ଅଲଗା ହେବା କଥା। ତେବେ ଅନେକ ଦୁର୍ଘଟଣାରେ ଲୋକେ ସାମୂହିକ ରୂପେ ଦୁଃଖ ଭୋଗ କରିବାର କାରଣ କ'ଣ ? ଏଭଳି ସ୍ଥିତି ଆସେ କାହିଁକି ? କ'ଣ କୌଣସି ଦୁର୍ଘଟଣାରେ ଦୁଃଖ ପାଉଥିବା ଲୋକଙ୍କର କର୍ମ ଓ କର୍ମଫଳ ସମାନ ଥାଏ ? ଏତେ ଲୋକ ଏକତ୍ର ଏଭଳି ଦୁଃଖ ପାଇବେ ବୋଲି ପୂର୍ବରୁ କ'ଣ ନିର୍ଦ୍ଧାରିତ ହୋଇଥାଏ ?

**ସ୍ୱାମୀଜୀ —** ମଣିଷ ଜୀବନରେ ସୁଖ-ଦୁଃଖ ଉଭୟ ପ୍ରକାର ସ୍ଥିତି ଆସେ, ସୁଖଦ-ଦୁଃଖଦ ଉଭୟ ପ୍ରକାର ଘଟଣା ଘଟେ, ସୁଖ-ଦୁଃଖ ଉଭୟ ଭୋଗ କରିବାକୁ ପଡ଼େ। ଅନେକ ପ୍ରକାରର ସୁଖ ଆସେ, ଦୁଃଖ ବି ଅନେକ ପ୍ରକାରର ଆସେ। ମଣିଷକୁ ଯାହା ବି ସୁଖ-ଦୁଃଖ ଭୋଗ କରିବାକୁ ପଡ଼ିଥାଏ, ସେ ବିଷୟରେ ୨ଟି କଥା ପ୍ରଣିଧାନଯୋଗ୍ୟ — ୧. ସବୁ ସୁଖ-ଦୁଃଖ ତା'ର କର୍ମର ଫଳ ନୁହେଁ, ଓ ୨. ସବୁଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ନୁହେଁ।

**ପ୍ର.କ. —** ଆଚ୍ଛା ! ସବୁ ପୂର୍ବ ନିର୍ଦ୍ଧାରିତ ନୁହେଁ ?

**ସ୍ୱାମୀଜୀ —** ନା, ଜୀବନର ପ୍ରତ୍ୟେକ ଘଟଣା ପୂର୍ବ ନିର୍ଦ୍ଧାରିତ ନୁହେଁ। ଆମ ଜୀବନରେ ଘଟୁଥିବା ପ୍ରତିଟି ଘଟଣା; କେତେବେଳେ, କେଉଁଠି, କ'ଣ, କିପରି ଘଟିବ ସେକଥା; ଈଶ୍ୱର ଆମ ଭାଗ୍ୟରେ ପୂର୍ବରୁ ନିର୍ଦ୍ଧାରିତ କରିରଖିନଥାନ୍ତି। **କେତେବେଳେ ବି, କିଛି ବି ଘଟିପାରେ।** ଭଲ ବି ଘଟିପାରେ, ମନ୍ଦ ବି ଘଟିପାରେ; ଅନୁକୂଳ ବି ଘଟିପାରେ, ପ୍ରତିକୂଳ ବି ଘଟିପାରେ। ସଂସାରରେ ଆମକୁ ଅନେକ ସୁଖ ଏମିତି ବି ମିଳିଥାଏ, ଯାହା ପାଇଁ ଆମେ ପୁରୁଷାର୍ଥ, ପରିଶ୍ରମ କରିନଥାଉ। ସେହିଭଳି ଅନେକ ଦୁଃଖ, ନିନ୍ଦା, ଅପମାନ ଏମିତି ବି ମିଳିଥାଏ, ଯାହା ପାଇଁ ଆମ କର୍ମ ଦାୟୀ ନୁହେଁ, ଆମେ ସେ କର୍ମ କରିନଥାଉ। ଆମେ ସେସବୁକୁ ଆମ ପୂର୍ବଜନ୍ମର କର୍ମଫଳ ବୋଲି ବିଚାର କରିନେଇଥାଉ।

**ଯଦି ଆମ ଜୀବନରେ ଘଟୁଥିବା ପ୍ରତ୍ୟେକ ଘଟଣା ପୂର୍ବ ନିର୍ଦ୍ଧାରିତ ହେବ, ସେ ସ୍ଥିତିରେ ମନୁଷ୍ୟର କର୍ମ-ସ୍ୱତନ୍ତ୍ରତା ରହିବ ନାହିଁ।** କୌଣସି ଠିକ୍-ଭୁଲ୍, ଲାଭ-ହାନି ପାଇଁ ଆମେ କାହାକୁ ଉତ୍ତରଦାୟୀ କରିପାରିବା ନାହିଁ, କାହାକୁ ଦୋଷ ଦେଇପାରିବା ନାହିଁ, କିଏ ଆମର ଅପକାର କି ଉପକାର କଲେ ବୋଲି କହିପାରିବା ନାହିଁ, କାହାକୁ ନିନ୍ଦା-ପ୍ରଶଂସା କରିପାରିବା ନାହିଁ। କାରଣ ଭଗବାନ ଆଗରୁ ନିର୍ଦ୍ଧାରିତ କରି ରଖିଥିବା କାରଣରୁ ଘଟଣାଟି ସେପରି ଘଟିଲା। କେହି ନିଜ ଇଚ୍ଛାରେ କିଛି କରିନାହାନ୍ତି। ପ୍ରତ୍ୟେକେ ସେପରି କରିବାକୁ ବାଧ୍ୟ। ଯଦି ଆପଣଙ୍କ ସନ୍ତାନ ପାଠ ପଢୁନାହିଁ, ପରୀକ୍ଷାରେ କମ୍ ମାର୍କ ରଖୁଛି, ଫେଲ୍ ବି ହେଉଛି; ତଥାପି ଆପଣ ସନ୍ତାନକୁ ଦାୟୀ କରିପାରିବେ ନାହିଁ, ତାଗିଦ କରିପାରିବେ ନାହିଁ। ତାକୁ ଦୋଷ ଦେଲେ ସେ ତ କହିବ — 'ଭଗବାନ ତ ଆଗରୁ ସ୍ଥିର କରି ରଖିଛନ୍ତି ଯେ ମୁଁ ପାଠ ପଢ଼ିବି ନାହିଁ, ପରୀକ୍ଷାରେ କମ୍ ମାର୍କ ରଖିବି, ଫେଲ୍ ହେବି। ତେଣୁ ଏଥିରେ ମୋର କିଛି ଦୋଷ ନାହିଁ।' ତେଣୁ ଆମେ ଆଉ ତାକୁ ଦାୟୀ କରିପାରିବା କି ?

**ପ୍ର.କ. —** ଆମେ ତ ଜାଣିନୁ ଯେ ଏହା ଭଗବାନ

ସ୍ଥିର କରିଛନ୍ତି ବୋଲି, ତେଣୁ ଆମେ ତାକୁ ଦାୟୀ କରିବା।

**ସ୍ୱାମୀଜୀ —** ଆପଣ ସିନା ଜାଣିନାହାନ୍ତି ଯେ ଏହା ସ୍ଥିରୀକୃତ ବୋଲି; କିନ୍ତୁ ସନ୍ତାନ ଯଦି ଆପଣଙ୍କୁ କହିବ — 'ଯେହେତୁ ଆମେ ମାନୁଛେ କି ସବୁ ପୂର୍ବରୁ ସ୍ଥିରୀକୃତ, ତେଣୁ ମୋ ଫେଲ୍ ହେବା, ପାଠ ନ ପଢ଼ିବା ବି ନିଶ୍ଚିତ ରୂପେ ପୂର୍ବ ନିର୍ଦ୍ଧାରିତ। ସାମାନ୍ୟ କାଣ୍ଡଜ୍ଞାନର କଥା ଏଇଟା। ଅଥଚ ଏ ସାମାନ୍ୟ କଥା ଆପଣମାନେ ଜାଣିପାରୁନାହାନ୍ତି ବୋଲି ମୋତେ ଅଯଥା ଦୋଷ ଦେଉଛନ୍ତି; କିନ୍ତୁ ମୁଁ ଆଦୌ ଚିନ୍ତିତ ନୁହେଁ କି ଦୁଃଖିତ ନୁହେଁ। ମୁଁ ଦୃଢ଼ନିଶ୍ଚିତ ଯେ ମୁଁ ପାଠ ନ ପଢ଼ିବା ପଛରେ ମୋର କୌଣସି ଭୂମିକା ନାହିଁ।' ଏ ଉତ୍ତର ଶୁଣି ଆପଣ ସନ୍ତୋଷ ଲାଭ କରିବେ ତ!

**ପ୍ର.କ. —** ନା। ସେମିତି କେମିତି ସ୍ୱୀକାର କରିହେବ?

**ସ୍ୱାମୀଜୀ —** ତା' ମାନେ ଆପଣ ବି ସ୍ୱୀକାର କରୁଛନ୍ତି ଯେ ସବୁ କଥା ପୂର୍ବରୁ ଭାଗ୍ୟ ରୂପେ ନିର୍ଦ୍ଧାରିତ ହୋଇନଥାଏ। କାହିଁକି ନା, ପୂର୍ବ ନିର୍ଦ୍ଧାରିତ, ନିଶ୍ଚିତ ରୂପେ ଘଟୁଥିବା କୌଣସି କାର୍ଯ୍ୟ ପାଇଁ କାହାକୁ ପ୍ରେରଣା ଦେବା ନିରର୍ଥକ। ଆମେ ବର୍ତ୍ତମାନ ଏ ବିଷୟରେ ବିସ୍ତୃତ ରୂପେ ବିଚାର କରିବା। ଜୀବାତ୍ମା ଯେହେତୁ ଚେତନ ସତ୍ତା, ତେଣୁ ସେ କର୍ତ୍ତା। ଅତଃ ତା'ର କର୍ମ କରିବାର ସ୍ୱତନ୍ତ୍ରତା ଅଛି। ଅଷ୍ଟାଧ୍ୟାୟୀରେ ଗୋଟିଏ ସୂତ୍ର ଅଛି — **'ସ୍ୱତନ୍ତ୍ରଃ କର୍ତ୍ତା'** (ଅଷ୍ଟାଧ୍ୟାୟୀ. ୧:୪:୫୪)— ଯିଏ କ୍ରିୟା କରିବା ପାଇଁ ସ୍ୱତନ୍ତ୍ର, ତାକୁ କର୍ତ୍ତା କୁହାଯାଏ। **କର୍ତ୍ତୁମ୍, ଅକର୍ତ୍ତୁମ୍, ଅନ୍ୟଥାକର୍ତ୍ତୁମ୍** — କୌଣସି କାର୍ଯ୍ୟ କରିବାକୁ, ନ କରିବାକୁ, ଓଲଟା କରିବାକୁ ଯିଏ ସ୍ୱତନ୍ତ୍ର, ଯାହାପାଖରେ ସେ ସ୍ୱତନ୍ତ୍ରତା ଅଛି, ତାକୁ ହିଁ ବାସ୍ତବରେ କର୍ତ୍ତା ବୋଲି କୁହାଯାଏ। ବସ୍ତୁତଃ କୌଣସି ଯନ୍ତ୍ର (Machine)କୁ କୌଣସି କାର୍ଯ୍ୟର କର୍ତ୍ତା ବୋଲି କୁହାଯାଏ ନାହିଁ। ଯନ୍ତ୍ର ଦ୍ୱାରା ସେହି କାର୍ଯ୍ୟ କରୁଥିବା ବ୍ୟକ୍ତିକୁ ସେ କର୍ମର କର୍ତ୍ତା ବୋଲି କୁହାଯାଏ। କେଉଁଠି ଆଳଙ୍କାରିକ ରୂପେ ବା ଗୌଣ ରୂପେ କୁହାଯିବା ଏକ ଭିନ୍ନ ବିଷୟ। କୌଣସି ଲେଖାଟିଏ ଦେଖିଲେ କଲମଟିଏ ସେ ଲେଖା ଲେଖିଛି ବୋଲି ଆମେ କହୁ କି? **ପ୍ର.କ. —** ନା। **ସ୍ୱାମୀଜୀ —** ମଣିଷଟିଏ ଲେଖିଛି ବୋଲି କୁହାଯାଏ ନା!

**ପ୍ର.କ. —** ହଁ, ମଣିଷଟିଏ ଲେଖିଛି ବୋଲି କୁହାଯାଏ।

**ସ୍ୱାମୀଜୀ —** କାହିଁକି? କାରଣ କଲମଟି କିଛି ବି ଲେଖିବାକୁ ସ୍ୱତନ୍ତ୍ର ନୁହେଁ। କଲମ ଦ୍ୱାରା ଆମେ କାହାକୁ ଗାଳି ଦେଇ ବି ଲେଖିପାରିବା, କାହାକୁ ପ୍ରଶଂସା କରି ମଧ୍ୟ ଲେଖିପାରିବା। ଗାଳି ଓ ପ୍ରଶଂସାର ଲେଖକ ଆମେ, କଲମ ନୁହେଁ। ଯେହେତୁ କଲମ ଜଡ଼, ଯନ୍ତ୍ର; ତେଣୁ ସେ ସ୍ୱତନ୍ତ୍ର ନୁହେଁ। ଆମେ ଗାଳି ଲେଖିବାକୁ ଲାଗିଲେ କଲମ ପ୍ରତିବାଦ କରିପାରିବନି କି ସେଥିରୁ ଆପେ ପ୍ରଶଂସା ଶବ୍ଦ ବାହାରିବନି। ଯିଏ ଲେଖିବାକୁ ସ୍ୱତନ୍ତ୍ର, ତାକୁ ହିଁ ଦାୟୀ କରାଯାଇଥାଏ। ଅତଃ ଜଡ଼ର ସ୍ୱତନ୍ତ୍ରତା ନଥିବାରୁ ସେ କେବେ ବି କର୍ତ୍ତା ହୋଇନଥାଏ।

ଚେତନ କ୍ଷେତ୍ରରେ ମଧ୍ୟ କୌଣସି କାର୍ଯ୍ୟରେ ସ୍ୱତନ୍ତ୍ରତା ନଥିଲେ ତାକୁ ଉକ୍ତ କାର୍ଯ୍ୟର କର୍ତ୍ତା ବୋଲି କୁହାଯାଇନଥାଏ। ଯଦି କୌଣସି ବ୍ୟକ୍ତି ଶ୍ରୁତଲିଖନ ପଦ୍ଧତିରେ କୌଣସି ଲିପିକାର ଦ୍ୱାରା କୌଣସି ଲେଖା ଲେଖାଇଥାନ୍ତି, ଲିପିବଦ୍ଧ-କର୍ତ୍ତା ଯଦି କହୁଥିବା ଲୋକଙ୍କ କଥାକୁ ଅବିକଳ ଲିପିବଦ୍ଧ କରିଥାଏ, ସେତେବେଳେ ବି ସେ ଲେଖାର ବିଷୟ ପାଇଁ ଲିପିକାର ଉତ୍ତରଦାୟୀ ହୋଇନଥାଏ, ବିଷୟକୁ ଡାକୁଥିବା ଲୋକ ହୋଇଥାନ୍ତି। ତେଣୁ ଯଦି ସବୁ ଘଟଣା ଈଶ୍ୱରଙ୍କ ଦ୍ୱାରା ବିଧିନିର୍ଦ୍ଦିଷ୍ଟ, ତେବେ କୌଣସି ଜୀବାତ୍ମାକୁ କୌଣସି କାର୍ଯ୍ୟ ପାଇଁ କୈଫିୟତ ମଗାଯାଇପାରିବ ନାହିଁ ଯେ, 'ଏ ଘଟଣା ଏମିତି ହେବା କଥା, ସେମିତି କାହିଁକି କଲ'? କୌଣସି କାର୍ଯ୍ୟରେ ସ୍ୱତନ୍ତ୍ରତା ଥିଲେ, ତା'ର ପ୍ରୟୋଗ କରିଥିଲେ ହିଁ ବ୍ୟକ୍ତି ସେ କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୋଇଥାଏ।

ଜୀବାତ୍ମାକୁ ନିଜ କର୍ମଫଳ ଭୋଗ କରିବାକୁ ପଡ଼ିଥାଏ। ସ୍ୱତନ୍ତ୍ରତାପୂର୍ବକ କର୍ମ କରିଥିଲେ ହିଁ ସେ କର୍ମ ପାଇଁ ସେ ଦାୟୀ ଓ ତା'ର ଭଲ-ମନ୍ଦ ଫଳ ସେ ପ୍ରାପ୍ତ କରିବାକୁ ଅଧିକାରୀ। ଯେହେତୁ ସେ କର୍ମଫଳ ଭୋଗ କରୁଛି, ତେଣୁ ନିଶ୍ଚିତ ରୂପେ ତା'ର କର୍ମ-ସ୍ୱତନ୍ତ୍ରତା ଅଛି।

ଆମେ ଯେହେତୁ କର୍ମ-କର୍ମଫଳ ବିଷୟରେ ବିଶେଷ ଗମ୍ଭୀର ବିଚାର କରୁନାହେଁ, ତେଣୁ କୌଣସି ଦୁର୍ଘଟଣା

ଘଟିଲେ ଆମେ ସାଧାରଣତଃ କହିଦେଉ ଯେ- 'ଏହା କର୍ମଫଳ।' ମନେକରନ୍ତୁ କୌଣସି ବ୍ୟକ୍ତିଙ୍କ ଘରେ ଚୋରି ହେଲା। ଆମେ ସାଧାରଣତଃ କ'ଣ କହୁ ? - 'ଏ ଲୋକ ପୂର୍ବଜନ୍ମରେ କାହାର ଏତିକି ଖାଇଦେଇଥିବ, ପୂର୍ବଜନ୍ମରେ କାହାର ଏତିକି ନେଇଯାଇଥିବ। ତେଣୁ ଆଜି ତା'ର ସେତିକି ଚୋର ନେଇଗଲା।'

**ପ୍ର.କ. —** ସବୁବେଳେ ଆମ ମନରେ ଏହା ବଦ୍ଧମୂଳ ଧାରଣା ହୋଇ ରହିଯାଇଛି ଯେ ପୂର୍ବଜନ୍ମର କର୍ମଫଳ ସ୍ୱରୂପ ଆମକୁ ଏସବୁ ଭୋଗିବାକୁ ପଡୁଛି।

**ସ୍ୱାମୀଜୀ —** ସେଇଥି ଯୋଗୁଁ ଯାହା ଘରେ ଚୋରି ହୋଇଗଲା, ତାକୁ ସମବେଦନା କ'ଣ ଜଣାଇବେ, ସେ ପରିସ୍ଥିତିର ସମାଧାନର ଉପାୟ କ'ଣ ବତାଇବେ, ଲୋକେ ଏ ଚର୍ଚ୍ଚା-ଆଲୋଚନା ଆରମ୍ଭ କରିଦେଇଥାନ୍ତି — 'ଇଏ ପୂର୍ବଜନ୍ମରେ କ'ଣ କରିଥିବ, କାହାର ଖାଇଦେଇଥିବ, କାହାର ନେଇଯାଇଥିବ। ନ ହେଲେ ଏମିତି କାହିଁକି ହୋଇଥାନ୍ତା ?'ଏକ ତ ତା' ଘରେ ଚୋରି ହୋଇଯାଇଥିବାରୁ ସିଏ ବିଚରା ଦୁଃଖୀ। ଦ୍ୱିତୀୟରେ, ତା' ପାଖକୁ ଆସି ଯେତେବେଳେ ଲୋକେ ଏଭଳି ଚର୍ଚ୍ଚା-ଆଲୋଚନା କରନ୍ତି, ଏଭଳି ଅମୃତବାଣୀ ଶୁଣାନ୍ତି, ସେଥିରେ ସେ ବ୍ୟକ୍ତି ଆହୁରି ଦୁଃଖୀ, ହତୋତ୍ସାହିତ ହୋଇଯାଏ। ସେହି ଚୋରି କାର୍ଯ୍ୟ ବିରୋଧରେ ସେ ଆଉ ଆଇନଗତ ଦୃଢ଼ ପଦକ୍ଷେପ କ'ଣ ନେବ ?

ବର୍ତ୍ତମାନ ଆମେ ବିଚାର କରିବା ଯେ ଏ ଯେଉଁ ଚୋରି ହେଲା, ତାହା ଚୋରି ଯାଇଥିବା ବ୍ୟକ୍ତିର ପୂର୍ବଜନ୍ମର କର୍ମଫଳ କି ? ଏହା ତାହାର କର୍ମଫଳ-ବ୍ୟବସ୍ଥାର ଅନ୍ତର୍ଗତ କାର୍ଯ୍ୟ କି ? କର୍ମଫଳ-ବ୍ୟବସ୍ଥା ଏକ ନ୍ୟାୟ-ବ୍ୟବସ୍ଥା ନା ଅନ୍ୟାୟ-ବ୍ୟବସ୍ଥା ?

**ପ୍ର.କ. —** ନ୍ୟାୟ-ବ୍ୟବସ୍ଥା ହେବା ଉଚିତ।

**ସ୍ୱାମୀଜୀ —** ଯଦି ଆମେ ମାନୁଛେ ଯେ କର୍ମଫଳ ଏକ ନ୍ୟାୟ-ବ୍ୟବସ୍ଥା, ତେବେ ନ୍ୟାୟ-ବ୍ୟବସ୍ଥାରେ କର୍ମଫଳ ପ୍ରଦାନ ପାଇଁ କେତେକ ଆଧାର ବିନ୍ଦୁ ରହିଥାଏ। ସେହି ବିନ୍ଦୁଗୁଡ଼ିକ ଆଧାରରେ କାର୍ଯ୍ୟ ହେଲେ ତାହାକୁ ନ୍ୟାୟପୂର୍ଣ୍ଣ ନିର୍ଣ୍ଣୟ କୁହାଯାଏ। ସେହି ବିନ୍ଦୁଗୁଡ଼ିକ ଆଧାରରେ ଆମେ ଏହି ଚୋରି କାର୍ଯ୍ୟକୁ ପରୀକ୍ଷା କରିବା।

**୧. ପ୍ରଥମ ଆଧାର — ଆମେ ଜାଣୁ ଯେ ନ୍ୟାୟ-ପଦ୍ଧତିରେ କାହାକୁ କୌଣସି ଅପରାଧର ଦଣ୍ଡ ଦେବାକୁ ହେଲେ ନ୍ୟାୟାଧୀଶଙ୍କୁ ପ୍ରଥମତଃ ଅପରାଧ ବିଷୟରେ ବିସ୍ତୃତ ବିବରଣୀ ଜାଣିବା ଆବଶ୍ୟକ ପଡ଼ିଥାଏ।** ତାହା କେଉଁ ପ୍ରକାର ଅପରାଧ ? କିଏ କରିଛି ? କେମିତି କରିଛି ? କେଉଁ ପରିସ୍ଥିତିରେ ହୋଇଛି ? କେତେବେଳେ ହୋଇଛି ? ସହଯୋଗୀ କିଏ-କିଏ ? ଅପରାଧର ମାତ୍ରା କେତେ ? ଇତ୍ୟାଦି। ଏସବୁର ବିସ୍ତୃତ ଜ୍ଞାନ ପାଇଁ ହିଁ ତ ଅନୁସନ୍ଧାନମୂଳକ କେଶ୍ ଡାଏରୀ ଉପସ୍ଥାପନ କରାଯାଏ। ଅଭିଯୁକ୍ତଙ୍କ ବୟାନ, ସାକ୍ଷୀ ବୟାନ, ଜବାବ-ସୁଆଲ ଆଦି କରାଯାଏ। ନ୍ୟାୟାଧୀଶ ଅପରାଧ ବିଷୟରେ ଭଲ ଭାବେ ବୁଝିଲେ ହିଁ ଉଚିତ ଦଣ୍ଡ ଦେଇପାରିବେ। ଅପରାଧ ବିଷୟରେ ଠିକ୍ ଭାବେ ନ ଜାଣିଲେ କେବେ ବି ଯଥାର୍ଥ ଦଣ୍ଡ ଦେଇପାରିବେ ନାହିଁ।

ସେ ଚୋରି ଘଟଣାକୁ ଆମେ ଏ ନିୟମ ଆଧାରରେ ପରୀକ୍ଷା କରିବା। ବର୍ତ୍ତମାନ ଯଦି କୁହାଯାଏ ଯେ ଯାହା ଘରୁ ଚୋରି ହେଲା, ଚୋର ତାଙ୍କୁ ତାଙ୍କ କର୍ମଫଳ ଦେଲା; ତେବେ ମୁଁ ଆପଣଙ୍କୁ ପଚାରୁଛି ଯେ, ସେ ଚୋରକୁ କ'ଣ ସେହି ବ୍ୟକ୍ତିଙ୍କ ପୂର୍ବ କର୍ମ ଜଣାଅଛି ଯେ - 'ସିଏ କି ପ୍ରକାର ଅପରାଧ କରିଛନ୍ତି ? କେତେ ପରିମାଣରେ କରିଛନ୍ତି ? କାହାଠୁ କେତେ ନେଇଯାଇଛନ୍ତି, କେତେ ଖାଇ ଦେଇଛନ୍ତି ?'

**ପ୍ର.କ. —** ନା, ନା।

**ସ୍ୱାମୀଜୀ —** ଯଦି ସେ ବ୍ୟକ୍ତିଙ୍କ ପୂର୍ବ କର୍ମ ବିଷୟରେ ଚୋରକୁ ଜଣାନାହିଁ; ତେବେ ସେ କୋଉ କର୍ମର ଫଳ ଦେବାକୁ ଚୋରି କରିବ, ସେକଥା କେମିତି ସ୍ଥିର କରିବ ?

**ପ୍ର.କ. —** ଆମେ ସାଧାରଣତଃ ଭାବୁ ଯେ, ସେଇଟା ଈଶ୍ୱରୀୟ ବ୍ୟବସ୍ଥା ଅନୁସାରେ ହୋଇଯାଏ, ଭଗବାନ ସେମିତି କାମ ଚୋର ଦ୍ୱାରା କରାଇଦିଅନ୍ତି।

**ସ୍ୱାମୀଜୀ —** ଆଚ୍ଛା, ଆପଣଙ୍କ କହିବା କଥା ହେଲା

ଯେ, ଭଗବାନ ଯେହେତୁ ନିଜେ ଦଣ୍ଡ ଦେବା ପାଇଁ ଅସମର୍ଥ, ତେଣୁ ଚୋର ହାତରେ ଏ କାମ କରାଇଦିଅନ୍ତି।

**ପ୍ର.କ. —** ନା, ସେମିତି ବି କହିହେବନି।

**ସ୍ୱାମୀଜୀ —** ତେବେ କ'ଣ କହିହେବ? କ'ଣ କହିବା ଠିକ୍ ହେବ?

**ପ୍ର.କ. —** କିଛି ବି ଠିକ୍ ଭାବେ କହିହେବନି।

**ସ୍ୱାମୀଜୀ —** ଆଚ୍ଛା, ଚୋରି କାମ ଚୋର ହାତରେ ଈଶ୍ୱର କରାନ୍ତି କି ନାହିଁ, ସେକଥା ଆଗକୁ ବିଚାର କରିବା। ବର୍ତ୍ତମାନ ଆମେ ବିଚାର କରିବା ଯେ ନ୍ୟାୟପୂର୍ବକ ଦଣ୍ଡ ପ୍ରଦାନ ପାଇଁ ଆଉ କ'ଣ-କ'ଣ ଆଧାର ଆବଶ୍ୟକ ହୋଇଥାଏ —

**୨. ଦ୍ୱିତୀୟ ଆଧାର ହେଲା —** ଯେଉଁ ପ୍ରକାର ଅପରାଧ ହୋଇଛି, ଯେତିକି ପରିମାଣର ଅପରାଧ ହୋଇଛି, ତାହା ଦଣ୍ଡ-ସଂହିତା (ପେନାଲ୍ କୋଡ୍)ର କେଉଁ ଧାରାର ଅନ୍ତର୍ଗତ, ତା'ର ଦଣ୍ଡ କ'ଣ ଦିଆଯିବ ଓ କେତେ ଦିଆଯିବ, ସେହି ଦଣ୍ଡ-ସଂହିତା ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ନ୍ୟାୟାଧୀଶଙ୍କର ରହିବା ଆବଶ୍ୟକ ହୋଇଥାଏ। ଦଣ୍ଡସଂହିତା ସମ୍ବନ୍ଧୀୟ ଜ୍ଞାନ ନଥିଲେ, କଦାପି ଯଥାର୍ଥ ଦଣ୍ଡ ଦିଆଯାଇପାରିବ ନାହିଁ।

ଆମେ ପୂର୍ବରୁ ଆଲୋଚନା କଲେ ଯେ ଚୋରକୁ ସେ ବ୍ୟକ୍ତିଙ୍କ ପୂର୍ବ କର୍ମ ଜଣାନାହିଁ। ଦ୍ୱିତୀୟରେ, କେଉଁ କର୍ମ କଲେ ତା'ର ଦଣ୍ଡ ନିମନ୍ତେ ଈଶ୍ୱରୀୟ ନ୍ୟାୟ-ବ୍ୟବସ୍ଥାରେ ଏତିକି ଟଙ୍କା ଚୋରି କରାଯିବା ଉଚିତ ବୋଲି ନିୟମ ଅଛି, ଈଶ୍ୱରଙ୍କ ସେ ଦଣ୍ଡ-ସଂହିତା ଚୋରକୁ ଜଣା କି?

**ପ୍ର.କ. —** ଈଶ୍ୱରଙ୍କ ଦଣ୍ଡ-ସଂହିତା କ'ଣ, କାହାକୁ ଠିକ୍-ଠିକ୍ କେତେ ଦଣ୍ଡ ମିଳିବା ଈଶ୍ୱରଙ୍କ ନିର୍ଣ୍ଣୟରେ ଅଛି ସେ କଥା ମଣିଷ କେମିତି ଜାଣିବ?

**ସ୍ୱାମୀଜୀ —** ଯଦି ଚୋରକୁ ପୂର୍ବ ଅପରାଧ ଜଣାନାହିଁ, ଈଶ୍ୱରୀୟ ଦଣ୍ଡ-ସଂହିତା ବି ଜଣାନାହିଁ; ତେବେ ପୂର୍ବରୁ କେଉଁ ଅପରାଧ ହୋଇଥିବାରୁ ସେ ଅପରାଧ ପାଇଁ କେତେ ଦଣ୍ଡ ଦିଆଯିବା ଉଚିତ; ଅର୍ଥାତ୍ ଯଦି ଚୋରି କରାଯିବ, ତେବେ ଲକ୍ଷେ-ଦୁଇ ଲକ୍ଷ-ଚାରି ଲକ୍ଷ କି କେତେ ଟଙ୍କାର ଚୋରି କରାଯିବା ଆବଶ୍ୟକ ସେ କଥା ଚୋର କେମିତି ଜାଣିପାରିବ, କେମିତି ନିର୍ଣ୍ଣୟ କରିପାରିବ? ଯଦି ଏସବୁ ଜଣାନାହିଁ, ତେବେ ସେ ଉଚିତ ପରିମାଣର ଚୋରି କରିବ କେମିତି? ତେଣୁ ସେ କରିଥିବା ଚୋରି ନ୍ୟାୟ-ବ୍ୟବସ୍ଥାର ଅନ୍ତର୍ଗତ ନୁହେଁ, ତାହା କର୍ମଫଳ ନୁହେଁ।

ଆମେ ଦେଖୁ ଯେ ଚୋର ଚୋରି କରୁ-କରୁ ଯେତିକି ପାଏ, ସେତିକି ନିଏ। ଆଉ ଯଦି ସେ ଚୋରି କଲାବେଳେ କିଛି ନେଇଯାଇଛି, ବାକି କିଛି ନେଉଥିଲା ବେଳେ ଘର ଲୋକ ଉଠିପଡ଼ିବାରୁ ନେଇନପାରି ଅଧା ବାଟରେ ଛାଡ଼ି ଦେଇ ଯାଇଛି; ତେବେ ସେ ଚୋରିକୁ ଈଶ୍ୱରଙ୍କ ନିର୍ଦ୍ଦେଶରେ ହୋଇଥିବା ଚୋରି ବୋଲି କୁହାଗଲେ ସେହି ଚୋରକୁ ଖୋଜି ସେ ଅଧାରାସ୍ତାରେ ଛାଡ଼ି ଚାଲିଯାଇଥିବା ଜିନିଷଗୁଡ଼ିକୁ ନେଇ ତାକୁ ଦେଇଦେବାକୁ ହେବ, ଯେହେତୁ କି ସେ ଈଶ୍ୱରଙ୍କ ଆଦେଶାନୁସାରେ ଯେତିକି ଚୋରି କରିବା କଥା ସେତିକି କରିପାରିନି, ଅଧାରୁ ଭୟରେ ପଳାଇଯାଇଛି। ଆପଣ ଏଭଳି କରିବା ପାଇଁ ସମ୍ମତ ହେବେ କି?

**ପ୍ର.କ. —** ନା, ନା, ଏଇଟା ଗୋଟିଏ ଭୁଲ୍ କଥା। ଏମିତି କେମିତି କରାଯିବ?

**ସ୍ୱାମୀଜୀ — ୩. ତୃତୀୟ କଥା ହେଲା ଯେ, ଦଣ୍ଡ ଦେବାକୁ ହେଲେ, ସେଥିପାଇଁ ଅଧିକାରୀ ହେବା ଆବଶ୍ୟକ ହୋଇଥାଏ।** କ'ଣ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକଙ୍କୁ ଦଣ୍ଡ ଦେବାକୁ ଅଧିକାରୀ ହୋଇଥାଏ? **ପ୍ର.କ. —** ନା। **ସ୍ୱାମୀଜୀ —** ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଦଣ୍ଡ ଦେବାର ଅଧିକାର ଥାଏ, ସମସ୍ତଙ୍କର ନଥାଏ। ସେ ଉଚିତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଦଣ୍ଡ ହିଁ କର୍ମଫଳ ହୋଇଥାଏ। ନ୍ୟାୟାଧୀଶଙ୍କର ମଧ୍ୟ ନିଜ ସୀମା ମଧ୍ୟରେ ଦଣ୍ଡ ଦେବାର ଅଧିକାର ଅଛି। ସେ କ୍ଷେତ୍ରରେ ଯେ କୌଣସି ଲୋକଟିଏ ଅପରାଧୀକୁ ଦଣ୍ଡ ଦେବା ପାଇଁ ଆଦୌ ଅଧିକାରୀ ନୁହେଁ। ଏହି ନିୟମ ଆଧାରରେ ସେ ବ୍ୟକ୍ତିଙ୍କର ପୂର୍ବ କର୍ମର ଫଳ ରୂପେ ଦଣ୍ଡ ଦେବାର ଅଧିକାର ଚୋରର କ'ଣ ଅଛି?

**ପ୍ର.କ. —** ନା।

**ସ୍ୱାମୀଜୀ —** ତେଣୁ ଏ ଚୋରିକୁ କର୍ମଫଳ ବୋଲି କିପରି କୁହାଯିବ ? ଏହା କର୍ମଫଳ ନୁହେଁ।

**୪. ଚତୁର୍ଥ କଥା —** ଯେତେବେଳେ ଜଣେ ବ୍ୟକ୍ତିକୁ ତା'ର କର୍ମଫଳ ରୂପେ ଦଣ୍ଡବିଧାନ କରାଯାଏ, ଉଚିତ ନ୍ୟାୟପୂର୍ବକ କରାଯାଏ, ସେ ଦଣ୍ଡକୁ ଚୁପ୍-ଚାପ୍ ଭୋଗ କରିବାକୁ ପଡ଼େ। ଦଣ୍ଡର ବିରୋଧ କରାଯାଇପାରେ ନାହିଁ। ମନେକରନ୍ତୁ କୌଣସି ବିଷୟରେ ନିମ୍ନ ଅଦାଲତର ନିର୍ଣ୍ଣୟ ଆମକୁ ସନ୍ତୋଷ ଲାଗିଲା ନାହିଁ। ଆମର ଯଦି ହୃଦ୍‌ବୋଧ ହୁଏ ଯେ ପୂର୍ଣ୍ଣତଃ ସବୁ ଦିଗକୁ ବିଚାର କରି ନ୍ୟାୟ ଦିଆଯାଇନାହିଁ, ତେବେ ଆମେ ତା' ଉପର କୋର୍ଟ, ତା' ଉପର କୋର୍ଟ, ଏହିପରି ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଉ। ସର୍ବୋଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ଖଣ୍ଡପୀଠ ଦ୍ୱାରା ଯଦି ନିର୍ଣ୍ଣୟ ଆସିଲା ବା ଯାହା ଅନ୍ତିମ ପ୍ରକ୍ରିୟା ସେଥିରୁ ଯାହା ନିର୍ଣ୍ଣୟ ମିଳିଲା ତାହାକୁ ଗ୍ରହଣ କରୁ। ଏସବୁ ପ୍ରକ୍ରିୟାରେ ଆମେ କୌଣସି ନ୍ୟାୟାଧୀଶଙ୍କ ବିରୋଧରେ ମକଦ୍ଦମା ତ କରୁନାହୁଁ, ଦଣ୍ଡବିଧାନ କରୁଥିବା ଲୋକ ବିରୋଧରେ କେସ୍ କରୁନାହୁଁ।

ସେହିପରି ଏହି ଚୋରିକୁ ଯଦି ଆମେ ଆମ କର୍ମଫଳ ବୋଲି ବିଚାର କରୁଛେ, ତେବେ ଈଶ୍ୱରୀୟ କର୍ମଫଳ-ବ୍ୟବସ୍ଥା ତ ପୂର୍ଣ୍ଣତଃ ନ୍ୟାୟବ୍ୟବସ୍ଥା। ତେଣୁ ସେଥିରେ ତ ଜମା ଭୁଲ୍-ଭଟକା ନାହିଁ। ଯଦି ଆମେ ବିଚାର କରୁଛେ ଯେ ଈଶ୍ୱରଙ୍କ ନିର୍ଦ୍ଦେଶରେ ଚୋର ଚୋରି କଲା, ତେଣୁ ସେ ଚୋରିକୁ ଚୁପ୍‌ଚାପ୍ ସହନ କରି ନେବା ଉଚିତ। ସେ ଚୋରିକୁ ବିରୋଧ କରିବା ଅନୁଚିତ, ଚୋର ବିରୁଦ୍ଧରେ ଥାନାରେ ରିପୋର୍ଟ କରିବା ଅନୁଚିତ। ଆଉ ଯଦି ଆମେ ଏ ଚୋରି ବିରୁଦ୍ଧରେ ଥାନାରେ ରିପୋର୍ଟ କରୁଛେ, ତେବେ ଏହା କର୍ମଫଳ କେମିତି ହେଲା ? ଯଦି ଆମେ ଏ ଚୋରିକୁ ଆମ କର୍ମଫଳ ବୋଲି ମାନୁଛେ, ତେବେ ଚୋର ବିରୁଦ୍ଧରେ ଥାନାରେ ରିପୋର୍ଟ କରିବା, ନ୍ୟାୟାଳୟକୁ ଯିବା, ମକଦ୍ଦମା ଲଢ଼ିବା ଆଦି ନ କରିବା ଉଚିତ। ପ୍ରସନ୍ନତା ପୂର୍ବକ ତାକୁ ସହନ କରିବା ଉଚିତ। ଆଉ ଯଦି ଏହା ବିରୁଦ୍ଧରେ ଥାନା, କୋର୍ଟ-କଚେରୀର ଆଶ୍ରୟ ନେଉଛେ, ତେବେ ଏହାକୁ କର୍ମଫଳ ବୋଲି ସ୍ୱୀକାର ନ କରିବା ଉଚିତ।

**୫. ପଞ୍ଚମ କଥା—** ନ୍ୟାୟବ୍ୟବସ୍ଥାରେ ଯିଏ ନ୍ୟାୟକରନ୍ତି, ସେ ନ୍ୟାୟାଧୀଶଙ୍କୁ ନ୍ୟାୟ ଦେବା ପାଇଁ ପରିଶ୍ରମ କରିବାକୁ ପଡ଼େ; ସେ ସମ୍ବନ୍ଧୀୟ ପୁସ୍ତକ ପଢ଼ିବାକୁ ପଡ଼େ, କେସ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବା ପାଇଁ କେସ୍ ଡାଏରୀ ପଢ଼ିବାକୁ ପଡ଼େ, ଜବାବ-ସୁଆଲ ଧ୍ୟାନପୂର୍ବକ ଶୁଣିବାକୁ ପଡ଼େ ଇତ୍ୟାଦି। ସେତିକି ପରିଶ୍ରମ କରୁଥିବାରୁ ତାଙ୍କୁ ଦରମା ଦିଆଯାଏ, ଗାଡ଼ି-ବଙ୍ଗଳା ଦିଆଯାଏ, ସମ୍ମାନ-ପେନ୍‌ସନ୍, ସୁବିଧା-ସୁଯୋଗ ଆଦି ଦିଆଯାଏ। ସେହିପରି ଯଦି ଚୋରଟିଏ କୌଣସି ଲୋକର ପୂର୍ବ କର୍ମର ବିବରଣୀକୁ ପଢ଼ି ତା'ର ଅପରାଧଗୁଡ଼ିକୁ ଭଲ ଭାବେ ତର୍ଜମା କରି ନ୍ୟାୟ ଅନୁସାରେ ତା' ଘରୁ ଏତିକି ଚୋରି କରାଯିବା ଉଚିତ ବୋଲି ସ୍ଥିର କଲା ଏବଂ ତା'ସାଙ୍ଗକୁ ସେ ଚୋରି କର୍ମ ବି ସଂପାଦନ କଲା; ତେବେ ତ ସେ ଚୋରକୁ ବି ଦରମା, ଭତ୍ତା, ଘର, ଗାଡ଼ି, ମାନ-ସମ୍ମାନ ଆଦି ଦିଆଯିବା କଥା। ଆଚ୍ଛା, ଏ ଭିତରୁ ଚୋରକୁ କ'ଣ-କ'ଣ ଦିଆଯାଏ ?

**ପ୍ର.କ. —** କିଛି ବି ନାହିଁ। ଖାଲି ଦଣ୍ଡ ଦିଆଯାଏ।

**ସ୍ୱାମୀଜୀ —** ଆଚ୍ଛା, ନ୍ୟାୟପୂର୍ଣ୍ଣ, ଉଚିତ, ଯଥାର୍ଥ କାମ କରିଥିଲେ ଦଣ୍ଡ ଦିଆଯାଏ କି ?

**ପ୍ର.କ. —** ନା, ନା। ଅନ୍ୟାୟ, ଅନୁଚିତ, ଭୁଲ୍ କାମ କରିଥିଲେ ଦଣ୍ଡ ଦିଆଯାଏ।

**ସ୍ୱାମୀଜୀ —** ଏଥିରୁ ଜଣାଯାଉଛି ଯେ ଚୋରଟି ଭୁଲ୍, ଅନୁଚିତ କାମ କରିଛି; ଅପରାଧ କରିଛି। ତେଣୁ ସେ କରିଥିବା ଚୋରି କର୍ମଫଳ ବିଧାନ ନୁହେଁ।

**୬. ଷଷ୍ଠ କଥା —** ନ୍ୟାୟାଧୀଶ ଆଦେଶ ଦେଲେ, 'ଏଇ ବ୍ୟକ୍ତି ଏ ପ୍ରକାର ଅପରାଧ କରିଛି। ତେଣୁ ଏହାଠାରୁ ଏତିକି ଅର୍ଥଦଣ୍ଡ ନିଆଯାଉ।' ତାହାଠାରୁ ସେତିକି ଅର୍ଥ ଦଣ୍ଡସ୍ୱରୂପ ନେଉଥିବା ସରକାରୀ କର୍ମଚାରୀ ଆଦିଙ୍କୁ ସେ କାମ ପାଇଁ ଦଣ୍ଡ ଦିଆଯାଇଥାଏ ନା ବରଂ, ସେମାନଙ୍କୁ ବେତନ, ପାରିଶ୍ରମିକ ଆଦି ଦିଆଯାଇଥାଏ ?

**ପ୍ର.କ. —** ସେମାନେ ତ ନ୍ୟାୟାଧୀଶଙ୍କ ଆଦେଶ ପାଳନ କଲେ। ସେମାନଙ୍କୁ କାହିଁକି ଦଣ୍ଡ ଦିଆଯିବ ? ସେମାନଙ୍କୁ କାମ ଅନୁସାରେ ବେତନ ଆଦି ଦିଆଯାଇଥାଏ।

**ସ୍ୱାମୀଜୀ —** ସେହିପରି ଯଦି ଈଶ୍ୱରଙ୍କ ଆଦେଶ ଅନୁସାରେ ଚୋରଟିଏ କାହାକୁ ଅର୍ଥଦଣ୍ଡ ଦେବା ସ୍ୱରୂପ ତା'ଠାରୁ ଅର୍ଥ ଆଦି ଚୋରି ରୂପେ ନେଲା, ତେବେ ସେ ଚୋରକୁ ମଧ୍ୟ ବେତନ, ପାରିଶ୍ରମିକ ଆଦି ଦିଆଯିବା ଉଚିତ। କାରଣ ସେ ଈଶ୍ୱରଙ୍କ ନ୍ୟାୟପୂର୍ଣ୍ଣ ଆଦେଶ ପାଳନ କରିଛି। ଅତଃ ଯେଉଁମାନେ କୌଣସି ଚୋରିକୁ ଚୋରି ଯାଇଥିବା ଲୋକର କର୍ମଫଳ ବୋଲି ମାନନ୍ତି, ସେମାନଙ୍କ ପକ୍ଷେ ଅତି ଉଚିତ କାର୍ଯ୍ୟ ହେଲା ଯେ ଚୋରକୁ ଖୋଜି ପ୍ରଥମେ ପୁରସ୍କୃତ କରିବା। ଆଚ୍ଛା, ଚୋରକୁ ପୁରସ୍କୃତ କରିବା ଭଳି କାର୍ଯ୍ୟକୁ ଆମେ କ'ଣ ସ୍ୱୀକୃତି ଦେଇପାରିବା ?

**ପ୍ର.କ. —** ଏଇଟା କେମିତି କରିପାରିବା ? ଏଇଟା ଭୁଲ୍ କାମ।

**ସ୍ୱାମୀଜୀ —** ଯଦି ଏହାକୁ ଆମେ ଭୁଲ୍ ବୋଲି ମାନୁଛେ, ତେବେ ଚୋରି ପୂର୍ବ କର୍ମର ଫଳ ନୁହେଁ। ଚୋରି-ଡକାୟତି, ହତ୍ୟା-ଲୁଣ୍ଠନ-ରାହାଜାନି ଆଦି ଯାହା ସବୁ ଅପରାଧ ହେଉଛି, ସେସବୁକୁ ଯଦି ପୂର୍ବଜନ୍ମର କର୍ମଫଳ ବୋଲି ସ୍ୱୀକାର କରିନିଆଯାଏ, ତେବେ ସେସବୁ ଆଉ ଅପରାଧ ହିଁ ନୁହେଁ କି ସେସବୁ କରୁଥିବା ଲୋକ ଅପରାଧୀ ନୁହଁନ୍ତି। ତେଣୁ ସଂସାରରୁ ଥାନା, କୋର୍ଟ-କଚେରୀ, ଜେଲ୍ ଏସବୁ ଉଠେଇ ଦେବା ଦରକାର। ଆଚ୍ଛା, ଏପରି ବ୍ୟବସ୍ଥା ସ୍ୱୀକାର କଲେ କ'ଣ ଏକ ଘଣ୍ଟା ବି ଆମେ ଶାନ୍ତିରେ ରହିପାରିବା ? ଆମେ ଯଦି କୌଣସି ସହରରେ ଡେଙ୍ଗୁରା ବାଡ଼େଇ ଘୋଷଣା କରିଦେବା ଯେ କାଲି ଏତେଟାରୁ-ଏତେଟା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ଯାହା ଘରେ ଚୋରି ହେବ, ତାକୁ ସେ ବ୍ୟକ୍ତିର କର୍ମଫଳ ବୋଲି ଧରିନିଆଯିବ; ବୋଧହୁଏ ସେ ସହରର କାହାରି ଜଣକର ଘର ବି ସୁରକ୍ଷିତ ରହିବ ନାହିଁ। ଅତଃ ନିଷ୍କର୍ଷ ହେଲା ଯେ ଚୋରି ଆଦି ଏଭଳି କର୍ମ ପୂର୍ବ କର୍ମର ଫଳ ନୁହେଁ।

**ପ୍ର.କ. —** ତେବେ ଏସବୁ କ'ଣ ?

**ସ୍ୱାମୀଜୀ —** ଆମକୁ ଯେଉଁ ସୁଖ-ଦୁଃଖ ମିଳେ, ତାହା ଦୁଇ ଭାଗରେ ବିଭକ୍ତ —

**କ.** ଗୋଟିଏ ଆମ କର୍ମର ଫଳ। ନ୍ୟାୟପୂର୍ବକ ଯେଉଁ ସୁଖ-ଦୁଃଖ ଆମକୁ ମିଳେ, ତାହା ଆମ କର୍ମର ଫଳ। ନ୍ୟାୟପୂର୍ବକ ଅର୍ଥାତ୍ କର୍ମ ଅନୁସାରେ।

**ଖ.** ଅନ୍ୟଟି ଅନ୍ୟମାନଙ୍କ କାରଣରୁ ମିଳେ, ଯେଉଁଥିରେ କି ଆମ କର୍ମ କାରଣ ହୋଇନଥାଏ। ଅର୍ଥାତ୍ ଅନ୍ୟାୟପୂର୍ବକ ଯେଉଁ ସୁଖ-ଦୁଃଖ ଆମକୁ ମିଳେ, ତାହା ଆମ କର୍ମର ଫଳ ନୁହେଁ। ଅନ୍ୟାୟପୂର୍ବକ ଅର୍ଥାତ୍ ବିନା କର୍ମରେ ମିଳିବା, କର୍ମ କରିଥିଲେ ବି ନ ମିଳିବା, କର୍ମ ଅନୁସାରେ ନ ମିଳିବା ( କର୍ମଠୁ ଅଧିକ ବା କର୍ମଠୁ ନ୍ୟୂନ ମିଳିବା) ଇତ୍ୟାଦି।

ମନେକରନ୍ତୁ ମୁଁ ଭଲ ଭାବେ ପାଠ ପଢ଼ିଲି, ପରୀକ୍ଷାରେ ଭଲ ଲେଖିଲି। ଫଳରେ ଭଲ ଅଙ୍କ ପ୍ରାପ୍ତ କରି ଉତ୍ତୀର୍ଣ୍ଣ ହେଲି। ଏଇଠି ମୋତେ ଯେଉଁ ସୁଖ ମିଳିଲା ତାହା ମୋ କର୍ମର ଫଳ। ଜଣେ ପିଲା ଭଲ ପଢ଼ିଲା ନାହିଁ, ପରୀକ୍ଷାରେ ଭଲ ଲେଖିଲା ନାହିଁ। ଉପରମହଲରୁ ଅନୁଚିତ ଅନୁକମ୍ପା ଲାଭ କରି ଭଲ ଅଙ୍କ ପ୍ରାପ୍ତ କଲା। ଏଇଠି ତାକୁ ଯେଉଁ ସୁଖ ମିଳିଲା, ତାହା ତା' କର୍ମର ଫଳ ନୁହେଁ। ତାହା ଅନ୍ୟାୟପୂର୍ବକ ପ୍ରାପ୍ତ ସୁଖ, ଅନୁଚିତ କର୍ମର ପରିଣାମ। ସେହିପରି ମୁଁ ନ୍ୟାୟପୂର୍ବକ ଭଲ ଅଙ୍କ ପ୍ରାପ୍ତ କରି ଉତ୍ତୀର୍ଣ୍ଣ ହେବା ଦ୍ୱାରା ଯଦି ଅନ୍ୟମାନେ ଈର୍ଷାଳୁ ହେଲେ, ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ; ତଦ୍ଦ୍ୱାରା ମୋତେ ଦୁଃଖ ମିଳିଲା। ସେ ଦୁଃଖ ମୋ କର୍ମର ଫଳ ନୁହେଁ। ତାହା ଅନ୍ୟମାନଙ୍କ ଈର୍ଷା-ଦ୍ୱେଷପୂର୍ବକ ମୋ ବିରୁଦ୍ଧରେ କରାଯାଇଥିବା କର୍ମର ପରିଣାମ।

ଅତଃ ନିଷ୍କର୍ଷ ହେଲା ଯେ ସଂସାରରେ ଆମକୁ ଯେଉଁ ସବୁ ସୁଖ-ଦୁଃଖ ମିଳେ ସେ ସବୁଗୁଡ଼ିକ ଆମ କର୍ମର ଫଳ ନୁହେଁ। ନ୍ୟାୟପୂର୍ବକ ଆମକୁ ଯାହା ମିଳେ ତାହା ଆମ କର୍ମର ଫଳ ଏବଂ ଅନ୍ୟାୟପୂର୍ବକ ଯାହା ମିଳେ ତାହା ଆମ କର୍ମର ଫଳ ନୁହେଁ।

**ପ୍ର.କ. —** ସ୍ୱାମୀଜୀ ! ଏଇଠି ଆଉ ଗୋଟିଏ ପ୍ରଶ୍ନ ମନ ଭିତରେ ଉଠୁଛି ଯେ ଟ୍ରେନ୍, ବସ୍, ଗାଡ଼ି-ମୋଟର ଦୁର୍ଘଟଣା ଯେତେବେଳେ ଘଟେ, ସେତେବେଳେ କେତେ ଲୋକ ବିଭିନ୍ନ ପ୍ରକାରେ ଦୁଃଖ ପାଆନ୍ତି। କେତେବେଳେ ପୂରା ବସ୍‌ର କି ଗାଡ଼ିର ସମସ୍ତ ଲୋକ ମରିଯାଆନ୍ତି।

କେତେବେଳେ କେତେକ ମରନ୍ତି, କେତେକ ଖଣ୍ଡିଆ-ଖାବରା ହୁଅନ୍ତି, କିଏ-କିଏ ଆଶ୍ଚର୍ଯ୍ୟ ରୂପେ କୌଣସି ଖଣ୍ଡିଆ-ଖାବରା ନ ହୋଇ ବର୍ତ୍ତିଯାଆନ୍ତି ଇତ୍ୟାଦି। ଏତେ ଲୋକଙ୍କର ଗୋଟିଏ ସ୍ଥାନରେ ଏପରି ଭାବେ ଘଟିବାକୁ ସେମାନଙ୍କର ସେପରି କର୍ମଫଳ ଥିଲା, ବିଧି-ନିର୍ଦ୍ଦିଷ୍ଟ ଥିଲା ବୋଲି କୁହାଯିବ କି ?

**ସ୍ୱାମୀଜୀ —** ଆପଣ ଯେଉଁ କହିଲେ ଯେ କୌଣସି ସ୍ଥାନରେ ବସ୍-ଗାଡ଼ି ଆଦିର ଦୁର୍ଘଟଣା ଘଟିଲା। ସେଥିରେ ୫-୭ ଜଣ ମରିଗଲେ, ୧୦-୨୦ ଜଣ ଖଣ୍ଡିଆ-ଖାବରା ହେଲେ, ଆଉ ବଳକା ଲୋକଙ୍କର କିଛି ହୋଇନାହିଁ। ସେମାନେ ପୂର୍ଣ୍ଣତଃ ରକ୍ଷା ପାଇଗଲେ। ଲୋକେ କହନ୍ତି, 'ଯା'ର ଯେମିତି କର୍ମଫଳ ଥିଲା, ଭଗବାନ ଯାହା ଭାଗ୍ୟରେ ଯାହା ଲେଖିଥିଲେ ତା'ର ସେମିତି ହେଲା।' ମୋର ଏଇଠି ପ୍ରଶ୍ନ ହେଲା ଯେ — "ବସ୍-ଗାଡ଼ିର ଚାଳକକୁ ପରମାତ୍ମା ତାଲିକା ଦେଇ କହିଥିଲେ କି ଯେ, 'ତୁମେ ବସ୍-ଗାଡ଼ିକୁ ଏମିତି ଭାବରେ ଏତିକି ଜୋର୍‌ରେ ଦୁର୍ଘଟଣାଗ୍ରସ୍ତ କରିବ; ତଦ୍ୱାରା ଏଇ-ଏଇ ସିଟ୍‌ରେ ବସିଥିବା ୫-୭ ଜଣଙ୍କର ମରିବାର ଅଛି, ସେମାନେ ମରିବେ; ଏ ସିଟ୍‌ର ବ୍ୟକ୍ତିର ବାଆଁ ହାତ ଭାଙ୍ଗିବାର କର୍ମରେ ଅଛି, ସେ ଲୋକର ଡାହାଣ ଆଖି ଫୁଟିବାର କର୍ମଫଳ ଅଛି, ସେ ସିଟ୍‌ରେ ବସିଥିବା ଲୋକ ମେରୁଦଣ୍ଡର ୪ ନମ୍ବର ହାଡ଼ ଭାଙ୍ଗିବାର ଅଛି, ଅମୁକ ଲୋକର ଖଞ୍ଜା ଖସିବାର ଅଛି ଇତ୍ୟାଦି ?' ଗାଡ଼ିଚାଳକ ଭଗବାନ କହିଥିବା ଅନୁସାରେ ସେତିକି ଜୋର୍‌ରେ ସେଭଳି ଦୁର୍ଘଟଣା କରିଛି କି? ନା, କମ୍-ବେଶୀ କରିଛି ?"

ଆମେ ଜାଣୁ ଯେ ଜଣେ ନ୍ୟାୟାଧୀଶ ଯେତେବେଳେ ଜଣେ ଆତଙ୍କବାଦୀର କର୍ମକୁ ବିଚାର କରି ତାକୁ ଫାଶୀ ଦେବାର ନିର୍ଣ୍ଣୟ ଦିଅନ୍ତି, ସେତେବେଳେ ନିୟମାନୁସାରେ ଘାତକ ସେ ଆତଙ୍କବାଦୀକୁ ଫାଶୀ ଦିଏ। ଆଚ୍ଛା, ନ୍ୟାୟାଧୀଶଙ୍କ ଆଦେଶ ପାଳନ କରିଥିବାରୁ ଘାତକକୁ ପାରିଶ୍ରମିକ ମିଳେ ନା ଦଣ୍ଡ ?

**ପ୍ର.କ. —** ଯେହେତୁ ଘାତକ ନ୍ୟାୟାଧୀଶଙ୍କ ଆଦେଶ ପାଳନ କରେ, ତେଣୁ ତାକୁ ପାରିଶ୍ରମିକ ମିଳେ। ଦଣ୍ଡ କାହିଁକି ମିଳିବ ?

**ସ୍ୱାମୀଜୀ —** ଅତଃ ସିଦ୍ଧାନ୍ତ ହେଲା ଯେ **ନ୍ୟାୟୋଚିତ ଆଦେଶ ପାଳନରେ ପୁରସ୍କାର ମିଳେ, ଦଣ୍ଡ ନୁହେଁ।** ତେଣୁ ଗାଡ଼ିଚାଳକ ଯଦି ଈଶ୍ୱରଙ୍କ ଆଦେଶରେ ଦୁର୍ଘଟଣା ଘଟାଇଛି, ତେବେ ଈଶ୍ୱରଙ୍କ ଆଦେଶ ପାଳନ କରିଥିବାରୁ ତାକୁ ମଧ୍ୟ ପୁରସ୍କାର ମିଳିବା କଥା, ଦଣ୍ଡ ନୁହେଁ। ଆମେ ତାକୁ ପୁରସ୍କୃତ କରୁଛେ କି ? ନା, ତା' ନାମରେ କେସ୍ କରୁଛେ ଏବଂ ନ୍ୟାୟାଳୟରୁ ତାକୁ ଦଣ୍ଡ ମିଳୁଛି ?

**ପ୍ର.କ. —** ନା, ନା। ତାକୁ ପୁରସ୍କାର କେମିତି ଦିଆଯିବ ? ସିଏ ତ ଭୁଲ୍ କାମଟା କରିଛି ନା। ତେଣୁ ତା' ନାମରେ କେସ୍ ହେବ। ତାକୁ ଦଣ୍ଡ ମିଳିବ।

**ସ୍ୱାମୀଜୀ —** ଯଦି ଆପଣ ମାନୁଛନ୍ତି ଯେ, ତାହା ଚାଳକର ଭୁଲ୍ କାମ, ତେବେ ତାହା ଈଶ୍ୱରଙ୍କ ଆଦେଶ ନୁହେଁ, ତାହା ସେ ଚାଳକର ସ୍ୱତନ୍ତ୍ର ରୂପେ କୃତ କର୍ମ। ତେଣୁ ତାହା ପୂର୍ବରୁ ବିଧି-ନିର୍ଦ୍ଦିଷ୍ଟ ନୁହେଁ। ଏହି ଲୋକମାନଙ୍କ କର୍ମଫଳ ପ୍ରାପ୍ତିର ବ୍ୟବସ୍ଥା ଆଧାରରେ ତାହା ଘଟିନାହିଁ।

ଅତଏବ ଏହା ହେଲା ଚାଳକର ଅସାବଧାନତା ଆଦି କାରଣରୁ ସଂଘଟିତ କର୍ମ। ଯେତେବେଳେ ଜଣେ ଚାଳକ ଗାଡ଼ି ଚଳାଉଛନ୍ତି, ସେ ଚାଳକଙ୍କ ସାବଧାନତା-ଅସାବଧାନତା ଉପରେ ବି ବହୁତ ଲୋକଙ୍କ ଜୀବନ-ମୃତ୍ୟୁ ନିର୍ଭର କରୁଛି। ଚାଳକଙ୍କ ଅସାବଧାନତା କାରଣରୁ ବି ଯାତ୍ରୀ, ପଥଚାରୀ ଆଦି ଅନେକ ଲୋକ ଦୁଃଖ ପାଆନ୍ତି। **ଜଣେ ଲୋକର କର୍ମର ପରିଣାମରେ ଅନ୍ୟ ଅନେକ ଲୋକଙ୍କୁ ବି ଦୁଃଖ ମିଳିପାରେ।** ବହୁ ଜାଗାରେ ଏପରି ଘଟିଥାଏ।

ମନେକରନ୍ତୁ ୧୦୦ ଜଣ ଲୋକଙ୍କର ଚାଳ-ଛପର ଘର, ଘରକୁ-ଘର ଲାଗି ରହିଛି। ସେ ଭିତରୁ ଜଣେ ଲୋକ ଚୁଲି ଜଳାଇ, ସେ ପାଖରେ କିରୋସିନି ଡବା ଅସାବଧାନତାରେ ଖୋଲା ରଖି ବାହାରକୁ ଚାଲିଯାଇଛନ୍ତି। ଡବା ଢଳି ଚାରିଆଡ଼େ କିରାସିନି ବ୍ୟାପକ ହୋଇ ଘରେ ନିଆଁ ଲାଗିଗଲା। ଯେହେତୁ ସମସ୍ତଙ୍କ ଘର ଲାଗି-ଲାଗି

ଥିଲା, ତେଣୁ ସମସ୍ତଙ୍କ ଘର ପୋଡ଼ିଗଲା। ଏଇଠି ଜଣେ ଲୋକ ଭୁଲ୍ କଲା। କିନ୍ତୁ ପରିଣାମରେ ୧୦୦ ଲୋକଙ୍କ ଘର ଭସ୍ମୀଭୂତ ହୋଇଗଲା। ଏଇଟା ସେ ୧୦୦ ଲୋକଙ୍କ କର୍ମଫଳ ନୁହେଁ। ଏହା ଜଣେ ଲୋକର ଭୁଲ୍ କର୍ମ ଯୋଗୁଁ ଅନ୍ୟମାନଙ୍କ ଉପରେ ପଡୁଥିବା ଦୁଃଖ। ଏହାକୁ କର୍ମର ଫଳ କହନ୍ତି ନାହିଁ, ଏହାକୁ କହନ୍ତି କର୍ମର **'ପରିଣାମ'**।

**ପ୍ର.କ. —** ଆଚ୍ଛା! ଏହା କର୍ମର ଫଳ ନୁହେଁ, ଏହା କର୍ମର ପରିଣାମ।

**ସ୍ୱାମୀଜୀ —** ହଁ! କର୍ମର ଫଳ ସର୍ବଦା କର୍ତ୍ତାକୁ ମିଳେ। କିନ୍ତୁ କର୍ମର ପରିଣାମ ଅନ୍ୟ ଲୋକଙ୍କୁ ବି ମିଳିପାରେ। ଏଠାରେ ଏହି ଜଣେ ଲୋକର ଭୁଲ୍ ଯୋଗୁଁ, ଯେତେ ଲୋକଙ୍କର ଘର ପୋଡ଼ିଲା, ସେମାନଙ୍କର ଯେତେ କ୍ଷୟ-କ୍ଷତି ହେଲା, ସେମାନଙ୍କୁ ଯେତେ ଦୁଃଖ ଭୋଗିବାକୁ ପଡ଼ିଲା, ସେସବୁର ଦଣ୍ଡ ଏହି ବ୍ୟକ୍ତିକୁ ଭୋଗିବାକୁ ପଡ଼ିବ। ଏ ବ୍ୟକ୍ତିକୁ ଭୟଙ୍କର ଦଣ୍ଡ ମିଳିବ। ଯଦି ସମାଜର ବ୍ୟବସ୍ଥା ତାକୁ ଦଣ୍ଡ ନ ଦିଏ, ତେବେ ଭଗବାନ ନିଶ୍ଚିତ ଦେବେ।

**ଅତଃ ଯେଉଁ କର୍ମ ସହ ଯେତେ ଅଧିକ ଲୋକଙ୍କ ଲାଭ-ହାନି ଜଡ଼ିତ, ଯେତେ ଅଧିକ ଲୋକଙ୍କ ଜୀବନ-ମରଣ, ସୁଖ-ଦୁଃଖ ସହ ଯେଉଁ କର୍ମର ସମ୍ପର୍କ ଅଛି, ବ୍ୟକ୍ତି ସେହି-ସେହି ସ୍ଥଳରେ ସେତେ ଅଧିକ ସତର୍କ, ସଚେତନ ରହିବା ଆବଶ୍ୟକ।** ଏଣୁ ଯେଉଁମାନେ ଟ୍ରେନ୍-ବସ୍, ଗାଡ଼ି-ମଟର ଆଦି ଚଳାଉଛନ୍ତି, ଯେଉଁଥିରେ କି ଅନେକଙ୍କ ଜୀବନ-ମୃତ୍ୟୁର ସମ୍ଭାବନା ରହିଛି ସେମାନେ ଟିକିଏ ବି ଅସତର୍କ ହେବା ଅନୁଚିତ, ସର୍ବଦା ସତର୍କ ରହିବା ଉଚିତ। ଯେଉଁମାନେ ସଦା ସତର୍କ ନୁହନ୍ତି, ସେମାନେ ଏଭଳି ବୃତ୍ତିକୁ କେବେ ମଧ୍ୟ ଆପଣାଇବା ଉଚିତ ନୁହେଁ, ଏ କାର୍ଯ୍ୟ କରିବା ଉଚିତ ନୁହେଁ।

**ପ୍ର.କ. —** ଏକଦମ୍ ଠିକ୍। କେତେଗୁଡ଼ିଏ ଜୀବନର ଦାୟିତ୍ୱ ସେମାନଙ୍କ ଉପରେ ରହୁଛି। ସ୍ୱାମୀଜୀ! ଆଉ ଗୋଟିଏ କଥା ଯେ ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଘଟେ। ତୋଫାନ୍ ଆସେ। କୌଣସି ଦିଗକୁ ଯିବ ବୋଲି ପୂର୍ବାନୁମାନ କରାଯାଉଥାଏ, ଅନ୍ୟ ଦିଗକୁ ଚାଲିଯାଏ। ସେ ସମୟରେ ଅନେକ ଲୋକ କହନ୍ତି ଯେ, 'ଆମ ଅଂଚଳକୁ ଭଗବାନ ସାହା ହେଲେ। ଅମୁକ ଠାକୁର-ଠାକୁରାଣୀଙ୍କ ଦୟାରୁ ଆମ ଅଂଚଳକୁ ଏ ବିପତ୍ତି ଆସିଲାନି, ସେପଟ ଅଂଚଳକୁ ପଳେଇଲା।' ଅନେକ ଏକଥା ବି କହନ୍ତି — 'ଭଗବାନଙ୍କ ଲୀଳା, ଯୁଆଡ଼େ ପାପଭାରା ବଢ଼ୁଛି, ସିଆଡ଼େ ବିପର୍ଯ୍ୟୟ ହେଲା। ଆମେ ରକ୍ଷା ପାଇଗଲୁ।' ଏ ବିଷୟରେ ଆପଣଙ୍କ ମତ କ'ଣ ? ତା' ଛଡ଼ା ଏଇ ଯେଉଁ ତୋଫାନ୍ ଆଦି ପ୍ରାକୃତିକ ବିପର୍ଯ୍ୟୟରେ ଯେଉଁମାନଙ୍କର ଯେତେ ଧନ-ଜୀବନ ଆଦି ନଷ୍ଟ ହୁଏ, ସେସବୁ କ'ଣ ସେମାନଙ୍କ କର୍ମଫଳ ?

**ସ୍ୱାମୀଜୀ —** ଆପଣଙ୍କ ପ୍ରଥମ ପ୍ରଶ୍ନର ଉତ୍ତରରେ ମୋର ପ୍ରଶ୍ନ ହେଲା ଯେ — 'କହନ୍ତୁ, ସଂସାରର କେଉଁ ଅଂଚଳରେ ସବୁ ପୁଣ୍ୟାତ୍ମା ରହୁଛନ୍ତି ଓ କେଉଁ ଅଂଚଳରେ ସବୁ ପାପାତ୍ମା ରହୁଛନ୍ତି ? ଯେଉଁମାନେ ଏପରି କହୁଛନ୍ତି, ସେମାନେ କ'ଣ ପୂରା ଧର୍ମାତ୍ମା-ପୁରୁଷ ?' ଏଣୁ ଏହା ଏକ ନୃଶଂସ ବିଚାର, ନିକୃଷ୍ଟ ବିଚାର ଯେ କାହା ଉପରେ ବିପତ୍ତି, ଦୁଃଖ ପଡ଼ିଲା ବେଳକୁ ଆମେ କହିବା କି, 'ଯାହା ହେଉ ପ୍ରଭୁ ଆମକୁ ରକ୍ଷା କଲେ। ବିପଦକୁ ଆମ ଉପରୁ ଅନ୍ୟମାନଙ୍କ ଉପରକୁ ନେଇଗଲେ।' ଯୋଗଦର୍ଶନରେ କୁହାଯାଇଛି ଯେ ଜଣେ ଦୁଃଖରେ, ବିପଦରେ ଥିବା ବେଳେ ଆମ କର୍ତ୍ତବ୍ୟ ହେଲା ତା' ପ୍ରତି କରୁଣା ପ୍ରଦର୍ଶନ କରିବା, ତାକୁ ସମବେଦନା ଜଣାଇବା। ଏଭଳି ବିଚାର ପୋଷଣ କରିବା ଅନୁଚିତ ଯେ, 'ସେ ଅଂଚଳରେ ପାପାତ୍ମାଗୁଡ଼ିକ ଅଛନ୍ତି। ଏଣୁ ବିପର୍ଯ୍ୟୟ ଆମ ଉପରୁ ତାଙ୍କ ଉପରକୁ ଚାଲିଗଲା।' ପ୍ରାକୃତିକ ବିପର୍ଯ୍ୟୟ ବ୍ୟାପକ କାରଣରୁ ହୋଇଥାଏ।

**ପ୍ର.କ. —** କ'ଣ ପ୍ରାକୃତିକ ବିପର୍ଯ୍ୟୟ ଈଶ୍ୱର କରନ୍ତିନି ?

**ସ୍ୱାମୀଜୀ —** ଏକଥା ତ ନିଶ୍ଚିତ ଯେ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ସେଇ ପଦାର୍ଥ ସମ୍ବନ୍ଧୀୟ ଈଶ୍ୱରୀୟ ନିୟମ ଆଧାରରେ ହୁଏ। ଆଜି ଯଦି କେଉଁଠି ଲଘୁଚାପ ହେଉଛି, ଅଗ୍ନି ଉଦ୍‌ଗୀରଣ ହେଉଛି, ସନ୍‌ଷ୍ଟ୍ରୋକ୍ ହେଉଛି, ଭୂମିକମ୍ପ ହେଉଛି, ସୁନାମୀ ଆସୁଛି- ଏସବୁ ଯେ ବିନା ପ୍ରାକୃତିକ

ନିୟମରେ ହେଉଛି, ତା' ନୁହେଁ। ଏବେ ଯେଉଁ ଫାଇଲିନ୍ ଆସିଲା, ଆମେ କିଛି ଦିନ ଆଗରୁ ଜାଣିଗଲେ। ଆଜି ଏତିକି ଦୂର ଆସିଛି। ଏତିକି ସମୟରେ କୂଳ ଛୁଇଁବ, ଏତିକି ଜୋର୍‌ରେ ପବନ ବହିବ ଆଦି ଆମେ ଜାଣିପାରିଲେ ଓ ପୂର୍ବରୁ ସତର୍କ ପଦକ୍ଷେପ ନେଇପାରିଲେ। ଯଦି ଏହାର କୌଣସି ନୀତି-ନିୟମ ନଥାନ୍ତା ତେବେ ଆମେ ପୂର୍ବରୁ ଜାଣନ୍ତେ କେମିତି ? ଭଗବାନ ବି ଆମକୁ ବେଦରେ ଅନେକ ପ୍ରକାର ଜ୍ଞାନ-ବିଜ୍ଞାନ ଦେଇଛନ୍ତି ଆଗରୁ ଅନେକ ଜିନିଷ ଜାଣିବା ପାଇଁ। ଆମ ବୈଜ୍ଞାନିକମାନେ ମଧ୍ୟ ଗବେଷଣା କରି-କରି ବହୁତ ବିପର୍ଯ୍ୟୟ ଘଟଣାର ଅନେକ କାରଣ ଜାଣିଲେଣି। ତଥାପି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଆମର ଯେଉଁ କ୍ଷୟ-କ୍ଷତି ହେଉଛି, ଆମେ ଯେଉଁ ଦୁଃଖ ସହୁଛେ ତା'ର ବଡ଼ କାରଣ ଆମେ ନିଜେ।

ଆମ ଘରମାନଙ୍କରେ ଆମେ ଚଟାଣକୁ ସବୁଆଡ଼େ ସମତଳ କରୁଛେ। ତଥାପି ଗୋଟିଏ ନାଳୀ ରଖୁଛେ ଯେ ଘରର ମଇଳା ପାଣିସବୁ ଚାରିଆଡ଼େ ଖେଳେଇ ନ ହୋଇ ନାଳୀରେ ବୋହି ବାହାରକୁ ଯିବ। ଯଦି ଆମେ ନାଳୀକୁ ଜାମ୍ କରିଦେବା ତେବେ ପାଣି ନାଳୀରେ ନ ଯାଇ ଉଚ୍ଛୁଳି ଚାରିଆଡ଼େ ମାଡ଼ିଯିବ ନା ନାହିଁ ?

**ପ୍ର.କ. —** ପ୍ରାୟ ସବୁ ସହରରେ ଟିକିଏ ବର୍ଷାରେ ଏଇଟା ଗୋଟିଏ ବଡ଼ ସମସ୍ୟା ହୋଇ ଦେଖାଦେଉଛି। ଡ୍ରେନ୍ ଉପରେ ଘର କରାଯାଉଛି, ଡ୍ରେନ୍ ଜାମ୍ କରି ଦିଆଯାଉଛି। ଡ୍ରେନ୍ ପାଣି ରାସ୍ତାରେ ବନ୍ୟା ସୃଷ୍ଟି କରିବା, ଘରେ ପଶିବା ଯୋଗୁଁ ବହୁ ଲୋକ ଅଯଥାରେ କଷ୍ଟ ଭୋଗୁଛନ୍ତି।

**ସ୍ୱାମୀଜୀ —** ବର୍ଷା ହେଲେ ଆମେ ଭଗବାନଙ୍କୁ ତ ଦୋଷ ଦେଉ, ଗାଳି ଦେଉ ଯେ ଭଗବାନ ଏତେ ବର୍ଷା କରିବାରୁ ଘରେ ବାହାର ପାଣି ପଶିଗଲା। କିନ୍ତୁ ଆମେ ଯେଉଁ ନାଳ-ନର୍ଦ୍ଦମା ଜାମ୍ କରିଦେଲେ, ତା' ପାଇଁ ଦୋଷୀ କ'ଣ ଭଗବାନ ? ଆମ ଜରି-ପଲିଥିନ୍ ନାଳରେ ପଡ଼ିବା ଯୋଗୁଁ ଯଦି ନାଳ ଅବରୁଦ୍ଧ ହେଲା, ତା' ପାଇଁ ଦାୟୀ କିଏ ? ବର୍ଷା କରିବା ଭଗବାନଙ୍କ ଦୋଷ ହୋଇଗଲା ! ଆଉ ନାଳ-ନର୍ଦ୍ଦମା ଅବରୁଦ୍ଧ କରିବା ଆମ ଦୋଷ ନୁହେଁ ? ଅଧିକ ପାଣି ବର୍ଷା ହେଲେ ସ୍ୱାଭାବିକ ଭାବରେ ନିଷ୍କାସନ ହେବା ପାଇଁ ଯେଉଁ ରାସ୍ତାସବୁ ଥିଲା, ସେସବୁକୁ ଅବରୋଧ କରି ଘର ତିଆରି କରିଦେବା ଆମ ଦୋଷ ନୁହେଁ ?

ଧ୍ୟାନ ଦେବା କଥା ହେଲା ଯେ ଯେଉଁ ପରମାତ୍ମା ବର୍ଷା କରାଉଛନ୍ତି, ସେହି ବର୍ଷା ଜଳ କେମିତି ବୋହିଯିବ ତା' ପାଇଁ ଗୁଡ଼ିଏ ନାଳ, ଝରଣା, ନଦୀ ଆଦି ସେ ତିଆରି କରିଛନ୍ତି। ବଡ଼-ବଡ଼, ଚଉଡ଼ା-ଚଉଡ଼ା ନଈ-ନାଳ ତିଆରି କରିଛନ୍ତି। ଭଗବାନ କେତେ ପାଣି ବର୍ଷା କରିବେ, ତଦନୁସାରେ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଆମେ କ'ଣ କଲେ ? ନଈ-ନାଳ ଇତ୍ୟାଦିକୁ ଧୀରେ-ଧୀରେ ପୋତି ଘର କରିବା ଆରମ୍ଭ କରିଦେଲେ। କୌଣସି ନଈ-ନାଳ ଯେତିକି ଚଉଡ଼ା ଥିଲା, ତା'ର ଅର୍ଦ୍ଧାଧିକ ଯଦି ଆମେ ପୋତି ସେଇଠି ଘର କରିଦେବା, ଅତ୍ୟଧିକ ପାଣି ସେ ନଈରେ ଆସିଲେ ସେ ପାଣି କୁଆଡ଼େ ଯିବ ? ଆମର ଘର-ଦ୍ୱାର ସବୁ ଭସାଇ ନେବ ନା ନାହିଁ ? ବହୁତ ସ୍ଥାନରେ ବନ୍ୟା ହେବା ପଛରେ ନଦୀଗୁଡ଼ିକୁ ଅଣ-ଓସାରିଆ କରିବା ବି ଏକ ପ୍ରମୁଖ କାରଣ ବୋଲି ଅନେକ ଗବେଷକ କହୁଛନ୍ତି।

**ପ୍ର.କ. —** ଆମେ ଯେଉଁ ଆଖିବୁଜା ଗଛ କାଟିଚାଲିଛୁ ତାହା ମଧ୍ୟ ଅନେକ ପ୍ରାକୃତିକ ବିପର୍ଯ୍ୟୟର କାରଣ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

**ସ୍ୱାମୀଜୀ —** ତୋଫାନ୍ ଆଦି ଯୋଗୁଁ ଉପକୂଳ ଅଂଚଳରେ ଯେଉଁ କ୍ଷୟ-କ୍ଷତି ହୁଏ, ତାହା ଉପରେ ବିଚାର କରିବା। ସଂସାରର ଆବଶ୍ୟକତା ଦୃଷ୍ଟିରୁ ସମୁଦ୍ରକୁ ପରମାତ୍ମା ଏକ ବିରାଟ ଜଳଭଣ୍ଡାର ରୂପେ ତିଆରି କରିଛନ୍ତି। ସେଥିରୁ ପାଣି ବାଷ୍ପ ହୋଇ ଉପରକୁ ଗଲେ ହିଁ ତ ବର୍ଷା ହେବ। ସମୁଦ୍ରରେ ଲଘୁଚାପ ସୃଷ୍ଟି ହୁଏ। ତା'ର ଆବଶ୍ୟକତା ବି ଅଛି। ଲଘୁଚାପ ଯୋଗୁଁ ସ୍ଥଳଭାଗରେ ବର୍ଷା ବି ହୁଏ। ଲଘୁଚାପ ସୃଷ୍ଟି ହେଲେ ଉପକୂଳ ଅଂଚଳକୁ ଆସିବ ଓ ସ୍ଥଳଭାଗରେ ଜୋରରେ ପବନ ବହିବ। ତେଣୁ ସମୁଦ୍ରଠାରୁ ଏକ ନିରାପଦ ଦୂରତାରେ ଆମେ ଘର କରି ରହିବା ଉଚିତ। ପ୍ରଥମ କଥା ତ ହେଲା ଯେ ଏଥିପାଇଁ ଭଗବାନ୍ ଆମ ମୁଣ୍ଡରେ ବୁଦ୍ଧି ଦେଇଛନ୍ତି। ଆମେ ଯଦି ତା'ର ଉପଯୋଗ

ନ କରି ସମୁଦ୍ରର ଅତି ନିକଟରେ ରହିବା, ତେବେ ନିଶ୍ଚିତ କ୍ଷତିଗ୍ରସ୍ତ ହେବା। ଦ୍ୱିତୀୟ କଥା ହେଲା ଯେ, ବହୁ ସ୍ଥାନରେ ଦେଖାଯାଏ କି ସମୁଦ୍ର କଡ଼ରେ ସିଝୁ ବଣ, ହେନ୍ତାଳ ବଣ, ଝାଉଁ ବଣ ଆଦି ଥାଏ। ସମୁଦ୍ରର ଲଘୁଚାପ ଜନିତ ପବନର ବେଗକୁ ପ୍ରାଚୀର ଭଳି ଅଟକାଇବା ସକାଶେ ପରମାତ୍ମା ସମୁଦ୍ରକୂଳରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିଛନ୍ତି। ଆମେ ଯଦି ଏ ଜଙ୍ଗଲକୁ ପୂରା ସଫା କରିଦେବା, ଆଉ ଲଘୁଚାପର ପବନ ନିର୍ବାଧରେ ତୀବ୍ର ବେଗରେ ଆସି ଆମର କ୍ଷତି କଲେ ଈଶ୍ୱରଙ୍କୁ ଗାଳି ଦେବା ତେବେ ତ ତାହା ମୂର୍ଖତାପୂର୍ଣ୍ଣ କର୍ମ ହେବ। ଏ ଯେଉଁ ଜଙ୍ଗଲ ଆଦି ସଫା ଆମେ କରୁଛେ, ଏହା ଏକ ସାମୂହିକ ପାପ କର୍ମ। ତେଣୁ ଏହାର ବ୍ୟାପକ ଦୁଷ୍ପରିଣାମ ବି ଆମେ ବହୁ ଲୋକ ଭୋଗ କରୁଛେ।

**ପ୍ର.କ. —** ଆଉ ଗୋଟିଏ ପ୍ରଶ୍ନ ମନକୁ ଆସୁଛି। ଗୋଟିଏ ଘରେ ଝିଅଟିଏ ଅଛି। ବିବାହ ବୟସ ଗଡ଼ିଯାଉଛି। ଯୌତୁକ କାରଣରୁ ହେଉ କି ଜାତକ ମେଳକ ନ ହୋଇପାରିବା କାରଣରୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ, ତା'ର ବାହାଘର ହୋଇପାରୁନି। ଅନେକ ପାତ୍ର ଆସୁଛନ୍ତି, ଦେଖା-ଚାହାଁ କଥାବାର୍ତ୍ତା କରୁଛନ୍ତି, ଯାଉଛନ୍ତି। କିନ୍ତୁ କେଉଁଠି ସ୍ଥିର ହୋଇପାରୁନି। ଏଥିପାଇଁ ସାରା ପରିବାର ଯେଉଁ ଦୁଶ୍ଚିନ୍ତାରେ ରହୁଛନ୍ତି, ସମସ୍ତଙ୍କୁ ଦୁଃଖ ମିଳୁଛି, ତାହା କ'ଣ ପରିବାରର ସବୁ ସଦସ୍ୟଙ୍କ ନିଜ-ନିଜ କର୍ମଫଳ ନା କେବଳ ସେ ଝିଅର କର୍ମ ଯୋଗୁଁ ସମସ୍ତଙ୍କୁ ଦୁଃଖ ଫଳ ମିଳୁଛି ?

**ସ୍ୱାମୀଜୀ —** ଆଚ୍ଛା, ଭଗବାନ ଆମକୁ ବୁଦ୍ଧି ଦେଇଛନ୍ତି ନା ନାହିଁ ?

**ପ୍ର.କ. —** ଦେଇଛନ୍ତି।

**ସ୍ୱାମୀଜୀ —** କ'ଣ ପାଇଁ ଦେଇଛନ୍ତି ? ଏଇଥିପାଇଁ ଯେ ଆମର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ଉପାୟ ଖୋଜିବା। ଆମେ ଅନୁଭବ କଲେ ଯେ ଆମକୁ ଖାଦ୍ୟ ଦରକାର। ତା' ପାଇଁ ଆମେ କୃଷି-ପଶୁପାଳନ ଆଦି ସାଙ୍ଗକୁ ଖାଦ୍ୟ ସାମଗ୍ରୀର ସର୍ବତ୍ର ଉପଲବ୍ଧତା ପାଇଁ ଦୋକାନ-ବଜାର କଲେ। ଯାତ୍ରାଦିକାଳରେ ଭୋଜନ ସୁଲଭ ହେବା ପାଇଁ ଭୋଜନାଳୟ ଆଦି କଲେ। ଆମକୁ ଚିକିତ୍ସା ଆବଶ୍ୟକ। ତା' ପାଇଁ ଆମେ ଚିକିତ୍ସାଳୟର ବ୍ୟବସ୍ଥା କଲେ। ଆମକୁ ଲୁଗା ଦରକାର। ତା' ପାଇଁ ଲୁଗାଦୋକାନର ବ୍ୟବସ୍ଥା କଲେ। ଆମକୁ ବିଦ୍ୟା ଆବଶ୍ୟକ। ତେଣୁ ସମାଜରେ ବିଦ୍ୟାଳୟର ବ୍ୟବସ୍ଥା କଲେ। ଆବଶ୍ୟକତା ଅନୁସାରେ ତା'ର ପୂରଣ ପାଇଁ ବିଭିନ୍ନ ବ୍ୟବସ୍ଥା କଲେ। ସେମିତି ବିବାହ ମଧ୍ୟ ମଣିଷ ସମାଜର ଏକ ଆବଶ୍ୟକତା। ବିବାହ ନିମିତ୍ତ ପୁଅଟିଏ ପାଇଁ ଝିଅଟିଏ ଦରକାର, ଝିଅଟିଏ ପାଇଁ ପୁଅଟିଏ ଦରକାର। ତା' ପାଇଁ ଆଗ କାଳରେ ସୁନ୍ଦର ବ୍ୟବସ୍ଥା ବି ଆମ ପୂର୍ବପୁରୁଷମାନେ କରିଥିଲେ। ଗୁରୁକୁଳ ଥିବା ସମୟରେ ଗୁରୁକୁଳର ଆଚାର୍ଯ୍ୟମାନଙ୍କ ପାଖରେ ସେ-ସେ ଗୁରୁକୁଳରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କ ବିବରଣୀ ରହୁଥିଲା। ତା' ପରେ କେଉଁ ଗ୍ରାମରେ କିଏ-କିଏ ବିବାହ ଯୋଗ୍ୟ ପୁଅ-ଝିଅ ଅଛନ୍ତି ସେମାନଙ୍କର ଗୁଣ-କର୍ମ ଆଦିର ବିବରଣୀ ଗ୍ରାମର ମୁରବୀମାନଙ୍କ ପାଖରେ ରହୁଥିଲା। ମୁରବିମାନେ ଗାଆଁର ପୁଅ-ଝିଅଙ୍କ ବିବାହ ଚିନ୍ତା ବି କରୁଥିଲେ। କେଉଁଠି ସେଭଳି କଥା ପଡ଼ିଲେଏମାନେ ଅଯାଚିତ ଭାବେ ପ୍ରସ୍ତାବ ବି ଦେଉଥିଲେ। ଅଥବା କୌଣସି ଗାଆଁର ମୁରବିମାନଙ୍କ ସହ ଆଲୋଚନା କଲେ ସେହି ଗ୍ରାମର ବିବାହଯୋଗ୍ୟ ପୁଅ-ଝିଅଙ୍କ ଗୁଣ-କର୍ମ ଆଦି ବିଷୟରେ ସୂଚନା ମିଳିଯାଉଥିଲା। ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ନିଜ ସଂପର୍କୀୟ, ବନ୍ଧୁ-ବାନ୍ଧବ ଭିତରେ ପୁଅ-ଝିଅଙ୍କ ବିବାହ ଆଦି ବିଷୟରେ ସୂଚନା ଆଦାନ-ପ୍ରଦାନ କରୁଥିଲେ। ଏସବୁ କରିବା ପ୍ରତ୍ୟେକେ ନିଜ ସାମାଜିକ କର୍ତ୍ତବ୍ୟ ବୋଲି ବିବେଚନା କରୁଥିଲେ।

**ପ୍ର.କ. —** କିନ୍ତୁ ବର୍ତ୍ତମାନ ତ ତାହା ହେଉନାହିଁ, ବର୍ତ୍ତମାନର ସ୍ଥିତି ଅଲଗା।

**ସ୍ୱାମୀଜୀ —** ମୁଁ ସେକଥା କହିବାକୁ ଯାଉଛି। ବର୍ତ୍ତମାନ ଯଦି ଶିକ୍ଷାର ଉନ୍ନତି ପାଇଁ ଆମେ ଭଲ ବିଦ୍ୟାଳୟ-ମହାବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ କରୁଛେ, ଚିକିତ୍ସାର ଉନ୍ନତି ପାଇଁ ଉନ୍ନତ ମାନର ଚିକିତ୍ସାଳୟ କରୁଛେ; ସେହିଭଳି ବିବାହ ପାଇଁ ମଧ୍ୟ ବିଶ୍ୱସନୀୟ ଉଚିତ ବ୍ୟବସ୍ଥା କରିବା ଉଚିତ । Matrimony ତ ସହରମାନଙ୍କରେ ଅଛି। କିନ୍ତୁ

ସେଇଟା ମୁଖ୍ୟତଃ ବ୍ୟବସାୟ ଭିତ୍ତିକ। ତା'ର ତଥ୍ୟର ବିଶ୍ୱସନୀୟତାକୁ ନେଇ ଜଣେ ସାଧାରଣ ବ୍ୟକ୍ତି ସନ୍ଦିହାନ। ଜଣେ ନିଜ ବିଷୟରେ ଯାହା ତଥ୍ୟ ଦେଲା, ସେ ଗୁଣନଥାଇ ସର୍ବଗୁଣ-ସମ୍ପନ୍ନ ଲେଖୁ କି ଯାହା ଲେଖୁ, ତାହା Matrimonyରେ ମିଳିବ। ମ୍ୟାଟ୍ରିମନିର କର୍ମକର୍ତ୍ତା ତ ତଥ୍ୟର ଅନୁସନ୍ଧାନ କାମ କରୁନାହାନ୍ତି। ତେଣୁ ଲୋକଙ୍କର ପ୍ରାୟ ତା' ଉପରେ ବିଶ୍ୱାସ ରହୁନି।

ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଆମ ସନ୍ତାନଙ୍କ ବିବାହ ସମୟ ହେଲେ ଆମେ ସମସ୍ତେ ଭଲ ପାତ୍ର-ପାତ୍ରୀ କଥା ଚିନ୍ତାକରୁଛୁ, ଆମ ଝିଅ-ପୁଅ ପାଇଁ କେହି ଭଲ ପାତ୍ର-ପାତ୍ରୀ ଖୋଜିଦେଉ ବୋଲି ଭାବୁଛୁ। କିନ୍ତୁ ଯାହାର ସନ୍ତାନଙ୍କ ବାହାଘର ସରିଯାଉଛି, ତା' ପରେ ସେ ଆଉ ସେକଥା ଚିନ୍ତା କରୁନି। ପ୍ରତ୍ୟେକେ ଚିନ୍ତା କରିବା ଉଚିତ ଯେ ଆଜି ମୋ ସନ୍ତାନଙ୍କ ବିବାହ ସିନା ସରିଯାଇଛି, କିନ୍ତୁ ସମାଜରେ ଏଥିପାଇଁ ଏକ ବିଶ୍ୱସନୀୟ ବ୍ୟବସ୍ଥା ରହିବା ଉଚିତ। କାରଣ ଭବିଷ୍ୟତରେ ଆମ ସନ୍ତାନଙ୍କର ସନ୍ତାନଙ୍କ ଆବଶ୍ୟକତା ବି ତ ଅଛି। ଯାହାର ଝିଅର ବିବାହ ହୋଇପାରୁନି, ସିଏ ସବୁ ବନ୍ଧୁ-ବାନ୍ଧବଙ୍କୁ କହୁଛି, 'ସମସ୍ତେ ମୋ ଝିଅ ପାଇଁ ଧ୍ୟାନ ଦେବା କଥା, ଏତେ ବନ୍ଧୁ-ବାନ୍ଧବ ଅଛନ୍ତି ଅଥଚ ମୁରବୀମାନେ କେହି ଏଥିପାଇଁ ଚେଷ୍ଟା କରୁନାହାନ୍ତି, ମୁରବିମାନେ ସମାଜରେ ଭଲ ବ୍ୟବସ୍ଥା କରିବା କଥା' ଇତ୍ୟାଦି। କିନ୍ତୁ ସେ ବ୍ୟକ୍ତି କେବେ ନିଜ ବିଷୟରେ ଭାବିଛି କି ଯେ 'ମୁଁ ଅନ୍ୟମାନଙ୍କ ଝିଅ-ପୁଅର ବିବାହ ପାଇଁ ପାତ୍ର ଖୋଜିବାକୁ କେବେ ଚେଷ୍ଟା କରିଛି କି? ମୁଁ ଯଦି ଅନ୍ୟମାନଙ୍କୁ ଏ କାର୍ଯ୍ୟରେ ସହଯୋଗ କରିନାହିଁ, ତେବେ ମୋ ପାଇଁ କିଏ କାହିଁକି ଚେଷ୍ଟା କରିବ?'

**ପ୍ର.କ. —** ତା' ମାନେ ପରିବାର ସହ ବନ୍ଧୁ-ବାନ୍ଧବ ଆଦି ଅନ୍ୟମାନେ ବି ଏ ଦିଗରେ ଚେଷ୍ଟା କରିବା ଉଚିତ।

**ସ୍ୱାମୀଜୀ —** ହଁ, ପରିବାର ଓ ସମାଜ ସମସ୍ତଙ୍କର ଏହା ସାମୂହିକ ଦାୟିତ୍ୱ। ଯେହେତୁ ଆଜିକାଲି ଆମେ ସ୍ୱାର୍ଥସର୍ବସ୍ୱ ହୋଇଗଲେଣି, ନିଜ ସୁଖ କଥା ବ୍ୟତୀତ କେହି ଅନ୍ୟ କାହା କଥା ଚିନ୍ତା କରିବାକୁ ଚାହୁଁନେ, ତେଣୁ ସମସ୍ତେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛେ। ତେଣୁ ବିବାହ ପାଇଁ ଉଚିତ ପାତ୍ର ନ ମିଳିପାରିବା, ଅନେକଙ୍କ ବିବାହ ନ ହୋଇପାରିବା ଆଦି କାର୍ଯ୍ୟ ସାମାଜିକ ସାମୂହିକ ଅବହେଳା। ଏଥିଯୋଗୁଁ ମିଳୁଥିବା ଦୁଃଖ ଆମ ସାମୂହିକ ସାମାଜିକ ଅବହେଳାର ଦୁଷ୍ପରିଣାମ। ତା' ଛଡ଼ା ବିବାହ ମେଳକ ହୋଇପାରୁନଥିବାରୁ ଅଥବା କୌଣସି ଝିଅ ଅଶୁଭ ଲଗ୍ନରେ ଜନ୍ମ ହୋଇଛି ବୋଲି ସମାଜରେ ଧାରଣା ଥିବାରୁ ତା'ର ବିବାହ ହୋଇପାରୁନଥିବା ଜନିତ ଦୁଃଖ ଆମ ସାମୂହିକ ଅନ୍ଧବିଶ୍ୱାସର ପରିଣାମ। ଅତଃ ଆମ ସାମାଜିକ ଶିଥିଳତା, ଅନ୍ଧବିଶ୍ୱାସ, ଅବିଦ୍ୟା ଆଦି କାରଣରୁ ଆମ ଏଭଳି ଗୁଡ଼ିଏ ଦୁଃଖ ପାଉ।

**ପ୍ର.କ. —** ଆମେ ଖବରକାଗଜ ଆଦିରୁ ଜାଣୁ ଯେ କୌଣସି ସ୍ଥାନରେ ଅଖାଦ୍ୟ ଖାଇବା ଯୋଗୁଁ ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେଲା, କେତେକ ଗୁରୁତର ହୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଲେ, କାହାର-କାହାର ମୃତ୍ୟୁ ବି ହୋଇଗଲା ଇତ୍ୟାଦି। ଏସବୁ କ'ଣ କର୍ମଫଳ?

**ସ୍ୱାମୀଜୀ —** ଏସବୁ ହେଲା କର୍ମର ପରିଣାମ। କୌଣସି କର୍ମର ପରବର୍ତ୍ତୀ ପ୍ରତିକ୍ରିୟାକୁ ପରିଣାମ କୁହାଯାଏ। କେଉଁଠି ବିଷାକ୍ତ ତେଲ ଇତ୍ୟାଦିରେ ତିଆରି ଖାଦ୍ୟ ଖାଇ ଅନେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଗୁରୁତର ହେଲା। ଏହା ତ ତେଲ ଇତ୍ୟାଦି ଦେଇଥିବା ଲୋକର କର୍ମର ପରିଣାମ। କେଉଁଠି କିଏ ଭୋଜନ ପ୍ରସ୍ତୁତି ସମୟରେ ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିନାହିଁ। ତେଣୁ ଖାଦ୍ୟରେ କୌଣସି ବିଷାକ୍ତ ଜନ୍ତୁ, ଝିଟିପିଟି ଆଦି ପଡ଼ିଗଲେ ବା ସେଭଳି କିଛି ପଡ଼ିଗଲା। ତାକୁ ଖାଇ ଅନେକଙ୍କ ପେଟ ଖରାପ ହେଲା।ଏହା ରୋଷେଇଆର ଅସାବଧାନତା କର୍ମର ଦୁଷ୍ପରିଣାମ। ଦୋକାନୀ ଖରାପ ହୋଇଯାଇଥିବା ଖାଦ୍ୟ ନ ଫୋପାଡ଼ି, ଲୋଭରେ ବିକ୍ରି କରିଦେଲା। ଆମେ ଜାଣିନପାରି ଖାଇ ରୁଗ୍ଣ ହେଲେ। ଏହା ସେ ଦୋକାନୀର କର୍ମର ପରିଣାମ। ସମାଜରେ ଏଇଭଳି ଭାବେ ବହୁ ପ୍ରକାର ଘଟଣା ଘଟେ। ଏସବୁ ଦୁଃଖ ହେଲା କିଛି ଲୋକଙ୍କ କର୍ମର ପରିଣାମରୁ ଅନ୍ୟ ଅନେକଙ୍କୁ ମିଳୁଥିବା ଦୁଃଖ। ଏହା ଦୁଃଖ ଭୋଗୁଥିବା ଲୋକଙ୍କ କର୍ମଫଳ ନୁହେଁ।

କୌଣସି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅସାବଧାନତା ଆଦି କାରଣରୁ କୌଣସି ହାନିକାରକ ଭୋଜନ ପ୍ରସ୍ତୁତ ହୋଇଗଲା। ପିଲାମାନେ ଖାଇ ଗୁରୁତର ଆକ୍ରାନ୍ତ ହେଲେ। ଏଇଟା ହେଲେ ବ୍ୟବସ୍ଥାଜନିତ ତ୍ରୁଟିର ପରିଣାମ। ଅର୍ଥାତ୍ ଖାଦ୍ୟ ଦ୍ରବ୍ୟର ମାନ, ରୋଷେଇରେ ସାବଧାନତା, ଖାଦ୍ୟ ପ୍ରସ୍ତୁତି ପରେ ପରୀକ୍ଷା ଆଦି ବ୍ୟବସ୍ଥା ଠିକ୍ ନହେଲେ ଏମିତି ଦୁର୍ଘଟଣା ଘଟେ। ପିଲାମାନଙ୍କୁ ଖାଦ୍ୟ ଦେବା ପୂର୍ବରୁ ଖାଦ୍ୟକୁ ପରୀକ୍ଷା କରିନେଲେ ଉତ୍ତମ। ଏ ଦୁଃଖ ପିଲାମାନଙ୍କ କର୍ମଫଳ ନୁହେଁ। ବ୍ୟବସ୍ଥାର ବିଫଳତା, ବ୍ୟବସ୍ଥାର ଅସାବଧାନତା।

**ପ୍ର.କ. —** ସେଗୁଡ଼ିକୁ କେବେ ବି ଆମେ ଆମ ପୂର୍ବଜନ୍ମର କର୍ମଫଳ ବୋଲି ଭାବିବା ଉଚିତ ନୁହେଁ।

**ସ୍ୱାମୀଜୀ —** ନା ! ଆମେ ପୂର୍ବରୁ ନ୍ୟାୟପୂର୍ବକ-ଅନ୍ୟାୟପୂର୍ବକ ଦୁଃଖର ଆଧାର ବିନ୍ଦୁ ବିଷୟରେ ଆଲୋଚନା କରିଛେ। **ଅନ୍ୟାୟପୂର୍ବକ ଯଦି ଆମକୁ ଦୁଃଖ ମିଳୁଛି, ତେବେ ତାହା ଆମ କର୍ମଫଳ ନୁହେଁ।** ଈଶ୍ୱର କାହାକୁ ଅନ୍ୟାୟ ପାଇଁ, ଅନୁଚିତ କର୍ମ ନିମନ୍ତେ ପ୍ରେରଣା ଦିଅନ୍ତି ନାହିଁ। ଈଶ୍ୱର ଚୋର ଦ୍ୱାରା ଯଦି ଜଣକର ଧନ ଅପହରଣ କରାଇବେ, ତେବେ ଭଗବାନ ତାକୁ ଚୋରି ଭଳି ଖରାପ କାମ ପାଇଁ ପ୍ରେରିତ କଲେ। ଏହାଦ୍ୱାରା ଚୋରର ତ ସଂସ୍କାର ଖରାପ ହେଲା। ତା' ଛଡ଼ା ଭଗବାନ ଯଦି ଚୋରି ବିଦ୍ୟା ପାଇଁ ପ୍ରେରଣା ଦିଅନ୍ତି, ତେବେ ତ ସେ ପାପକର୍ମର ପ୍ରେରକ ହେଲେ। ଆଉ ସେ ଶୁଦ୍ଧସ୍ୱରୂପ କେମିତି ? ଜଣେ ଲୋକ ମଦ ପିଇ ଗାଡ଼ି ଚଲାଇ ଦୁର୍ଘଟଣା କଲା। ଈଶ୍ୱର କ'ଣ ତାକୁ ମଦ ପିଆଇଲେ ? ନା, ମଦ ପିଇବାକୁ କହିଲେ, ଜଣେ ଲୋକ ଜୁଆ ଖେଳିଲା, ସର୍ବସ୍ୱାନ୍ତ ହେଲା। ତା' ପରିବାର ସାରା ଦୁଃଖ ପାଇଲେ। ଈଶ୍ୱର କ'ଣ ତାକୁ ଜୁଆ ଖେଳ ଶିଖାଇଲେ ? ପୂଜା ନାମରେ ଯେଉଁମାନେ ଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି। ନଦେଲେ ଧମକ-ଚମକ ଦେଉଛନ୍ତି, ରାସ୍ତାରେ ବେଇଜ୍ଜତ କରୁଛନ୍ତି, ଘରକୁ ଟେକା-ପଥର ଫୋପାଡୁଛନ୍ତି, ବହୁ ଲୋକଙ୍କୁ ଦୁଃଖ ଦେଉଛନ୍ତି। ଈଶ୍ୱର କ'ଣ ଚୋର, ଡକାଏତି, ଜୁଆ, ମାରପିଟ୍, ଲୁଣ୍ଠନ, ଶୋଷଣ, ଲାଞ୍ଚ, ମିଛ, ଦୁର୍ନୀତି, କଳାବଜାରୀ, ଅପମିଶ୍ରଣ, ବଳାତ୍କାର, ପ୍ରିୟାପ୍ରୀତି ତୋଷଣ ଆଦି ଶିଖାନ୍ତି ? ଈଶ୍ୱର କେବେ ବି ଏପରି କରନ୍ତିନି। ଈଶ୍ୱର କ'ଣ ପ୍ରେରଣା ଦେଇଛନ୍ତି ସେମାନଙ୍କୁ ଏସବୁ କରିବାକୁ ? ଏଭଳି ଯେତେ କାମ ହେଉଛି ସେସବୁ ଈଶ୍ୱରୀୟ ବିଧାନ ଆଧାରରେ ହେଉନାହିଁ। ଅତଃ ଏସବୁ କାରଣରୁ ସମ୍ବନ୍ଧିତ ନିରୀହ ଲୋକଙ୍କୁ ମିଳୁଥିବା ଦୁଃଖ ସେମାନଙ୍କ କର୍ମଫଳ ନୁହେଁ। ଅନ୍ୟମାନଙ୍କ କାରଣରୁ ବି ଏକାଧିକ ଲୋକ ଏକତ୍ର, ଗୋଟିଏ ଘଟଣାରେ ଦୁଃଖ ପାଆନ୍ତି।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

**୩୨ ପୃଷ୍ଠାର ଅବଶିଷ୍ଟାଂଶ...**

| | | | | | | | |
|---|---|---|---|---|---|---|---|
| ଶ୍ରୀମତୀ ପ୍ରଣତି ଗରିଆ | ସୁବର୍ଣ୍ଣପୁର | ୦୧ | ୦୪ | ଶ୍ରୀମତୀ ମଞ୍ଜୁଲତା ପଟ୍ଟନାୟକ | ଖୋର୍ଦ୍ଧା | ୦୦ | ୧୩ |
| ଶ୍ରୀମାନ୍ ବାସୁଦେବ ମହାପାତ୍ର | କୋରାପୁଟ | ୦୧ | ୦୪ | ଡ. ଶରତ ଚନ୍ଦ୍ର ଦାସ | ସୁନ୍ଦରଗଡ଼ | ୦୦ | ୧୩ |
| ଶ୍ରୀମତୀ ସବିତା ସାହୁ | ସମ୍ବଲପୁର | ୦୧ | ୦୩ | ଶ୍ରୀମାନ୍ ଭାଗ୍ୟରଥି ସାହୁ | ଦେବଗଡ଼ | ୦୦ | ୧୧ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ନାୟକ | କଟକ | ୦୧ | ୦୩ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଢ଼ୀ | କନ୍ଧମାଳ | ୦୦ | ୧୦ |
| ଶ୍ରୀମାନ୍ ସି.କେ ଗଣେଶ | କୋରାପୁଟ | ୦୧ | ୦୨ | ଶ୍ରୀମତୀ ଗୀତାଞ୍ଜଳି ଭୋଇ | ବରଗଡ଼ | ୦୦ | ୦୮ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୦ | ୨୨ | | | | |

**କ୍ରମଶଃ...**

# ଉତ୍ତରାର୍ଦ୍ଧଃ
# ଅନୁଭୂମିକା

**ମହର୍ଷି ଦୟାନନ୍ଦ ସରସ୍ୱତୀ**

ଏକଥା ପ୍ରମାଣିତ ଯେ ପାଞ୍ଚ ହଜାର ବର୍ଷ ପୂର୍ବରୁ ବେଦମତ ବ୍ୟତୀତ ଅନ୍ୟ କୌଣସି ମତ ସଂସାରରେ ବିଦ୍ୟମାନ ନ ଥିଲା। କାରଣ ବେଦୋକ୍ତ ସମସ୍ତ ବିଷୟ ବିଦ୍ୟାର ଅବିରୁଦ୍ଧ। ବେଦବିମୁଖତା ଯୋଗୁଁ ମହାଭାରତ ଯୁଦ୍ଧ ହେଲା। ବେଦବିଦ୍ୟାର ପ୍ରଚାର-ପ୍ରସାର ହ୍ରାସ ପାଇବା ଦ୍ୱାରା ସଂସାରରେ ଅଜ୍ଞାନାନ୍ଧକାର ବ୍ୟାପିଗଲା। ଫଳସ୍ୱରୂପ ମନୁଷ୍ୟର ବୁଦ୍ଧି ଭ୍ରମଯୁକ୍ତ ହୋଇ ଯା' ମନକୁ ଯାହା ଆସିଲା ସେ ସେପରି ମତବାଦ ପ୍ରବର୍ତ୍ତନ କଲା।

ସେସବୁ ମତ ମଧ୍ୟରୁ ପୌରାଣିକ ମତ, ଜୈନ ମତ, ଖ୍ରୀଷ୍ଟିଆନ ମତ ଓ ଇସ୍‌ଲାମ ମତ - ଏହି ଚାରିଟି ବେଦବିରୁଦ୍ଧ ମତ ସମସ୍ତ  ମତ-ମତାନ୍ତରର ମୂଳ। ଏସବୁ କ୍ରମଶଃ ଗୋଟିକ ପରେ ଗୋଟିଏ ଅର୍ଥାତ୍ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଏଭଳି ଭାବେ ସଂସାରରେ ପ୍ରବର୍ତ୍ତିତ ହୋଇଛନ୍ତି। ସମ୍ପ୍ରତି ଏହି ଚରୋଟିର ଶାଖା-ପ୍ରଶାଖା ଏକ ହଜାରରୁ କମ୍ ନୁହେଁ। ଏସବୁର ମତାବଲମ୍ବୀ, ଏମାନଙ୍କ ଅନୁଗାମୀ ତଥା ଅନ୍ୟ ସମସ୍ତଙ୍କୁ ପାରସ୍ପରିକ ସତ୍ୟାସତ୍ୟ ବିଚାର କରିବାରେ ଅଧିକ ପରିଶ୍ରମ କରିବାକୁ ନ ପଡୁ, ଏହି ଉଦ୍ଦେଶ୍ୟରେ ଏ ଗ୍ରନ୍ଥର ଉତ୍ତରାର୍ଦ୍ଧ ଲେଖାଗଲା। ଏଥିରେ ସତ୍ୟ ମତର ମଣ୍ଡନ ଓ ଅସତ୍ୟର ଖଣ୍ଡନ ବିଷୟରେ ଯାହା ସବୁ ଲେଖାଯାଇଛି, ସେସବୁ ସମସ୍ତଙ୍କୁ ଜଣାଇବା ହିଁ ଆବଶ୍ୟକ ମନେହେଲା। **ଏ ବିଷୟରେ ମୋର ଯେପରି ବୁଦ୍ଧି, ଯେତିକି ବିଦ୍ୟା ଓ ଏ ଚାରୋଟି ମତର ମୂଳଗ୍ରନ୍ଥ ଅଧ୍ୟୟନ ଦ୍ୱାରା ମୋର ଯେତିକି ବୋଧ ହେଲା, ତାହାକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ମୁଁ ସମୀଚୀନ ମନେକଲି। କାରଣ ଲୁପ୍ତ ହୋଇଯିବା ଜ୍ଞାନ ପୁନର୍ବାର ମିଳିବା ସମ୍ଭବ ନୁହେଁ। ପକ୍ଷପାତରହିତ ହୋଇ ଏହାକୁ ଅଧ୍ୟୟନ କଲେ ସତ୍ୟାସତ୍ୟ ମତ ସମସ୍ତଙ୍କୁ ଜଣାପଡ଼ିଯିବ।** ତା'ପରେ ନିଜ-ନିଜ ଜ୍ଞାନ ଅନୁସାରେ ସତ୍ୟ ମତ ସ୍ୱୀକାର କରିବା ଓ ଅସତ୍ୟ  ମତ ପରିତ୍ୟାଗ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇଯିବ। ଏସବୁ ମଧ୍ୟରୁ ପୁରାଣାଦି ଗ୍ରନ୍ଥ ଆଧାରରେ ଯେଉଁ ସବୁ ଶାଖା-ପ୍ରଶାଖା ରୂପକ ମତ ଆର୍ଯ୍ୟାବର୍ତ୍ତ ଦେଶରେ ପ୍ରଚଳିତ ହୋଇଛନ୍ତି, ସେସବୁର ଗୁଣ-ଦୋଷ ସଂକ୍ଷେପରେ ୧୧ଶ ସମୁଲ୍ଲାସରେ ଦର୍ଶାଯାଉଛି।

**ମୋର ଏହି କାର୍ଯ୍ୟ ଦ୍ୱାରା ହେଉଥିବା ସଂସାରର ଉପକାରକୁ ଯଦି କେହି ସ୍ୱୀକାର ନ କରୁଛନ୍ତି, ନ କରନ୍ତୁ; କିନ୍ତୁ ଏହାକୁ ବିରୋଧ ବି ନ କରନ୍ତୁ। କାରଣ, କାହାକୁ ହାନି ପହଞ୍ଚାଇବା ବା ବିରୋଧ କରିବା ମୋର ଉଦ୍ଦେଶ୍ୟ ନୁହେଁ; ବରଂ ସତ୍ୟ-ଅସତ୍ୟର ନିର୍ଣ୍ଣୟ କରିବା-କରାଇବା ହିଁ ମୋର ଅଭିପ୍ରାୟ। ଏଭଳି ନ୍ୟାୟଦୃଷ୍ଟିରେ ବ୍ୟବହାର କରିବା ସମସ୍ତ ମନୁଷ୍ୟଙ୍କ ପକ୍ଷେ ଅତ୍ୟନ୍ତ ଉଚିତ କର୍ମ। ମନୁଷ୍ୟ ଜନ୍ମର ପ୍ରାପ୍ତି ସତ୍ୟାସତ୍ୟର ନିର୍ଣ୍ଣୟ କରିବା-କରାଇବା ପାଇଁ ହିଁ ହୋଇଛି; ବ୍ୟର୍ଥ ବାଦବିବାଦ, ବିରୋଧ କରିବା-କରାଇବା ନିମନ୍ତେ ନୁହେଁ।**

ଏହି ମତମତାନ୍ତରର ପାରସ୍ପରିକ ବିବାଦ ଦ୍ୱାରା ଅତୀତରେ ଜଗତର କ'ଣ କ'ଣ ଅନିଷ୍ଟ ସାଧିତ ହୋଇଛି, ବର୍ତ୍ତମାନ କ'ଣ କ'ଣ ହେଉଛି ଏବଂ ଭବିଷ୍ୟତରେ କି କି ଅନିଷ୍ଟ ହେବ ପକ୍ଷପାତରହିତ ବିଦ୍ୱାନମାନେ ସେସବୁ ଜାଣିପାରୁଥିବେ। ଯେ ପର୍ଯ୍ୟନ୍ତ ମିଥ୍ୟା ମତମତାନ୍ତର-ଜନିତ ପାରସ୍ପରିକ ବିରୁଦ୍ଧବାଦ ମନୁଷ୍ୟ-ସମାଜରୁ ଦୂରୀଭୂତ ନ ହୋଇଛି ସେ ପର୍ଯ୍ୟନ୍ତ ପାରସ୍ପରିକ ଆନନ୍ଦ ଉପଲବ୍ଧ ହେବା ଅସମ୍ଭବ। **ଯଦି ଆମେ ସମସ୍ତେ ମନୁଷ୍ୟମାନେ, ବିଶେଷତଃ ବିଦ୍ୱଦ୍‌ବର୍ଗ ଈର୍ଷ୍ୟା-ଦ୍ୱେଷ ପରିତ୍ୟାଗ କରି ସତ୍ୟ-ଅସତ୍ୟର ନିର୍ଣ୍ଣୟପୂର୍ବକ ସତ୍ୟ ଗ୍ରହଣ ଓ ଅସତ୍ୟ ପରିତ୍ୟାଗ କରିବା-କରାଇବାକୁ ଚାହୁଁ ତେବେ ଆମମାନଙ୍କ ପାଇଁ ପାରସ୍ପରିକ ସୁଖଶାନ୍ତିର ସ୍ଥାପନା ଅସାଧ୍ୟ ନୁହେଁ।**

**ଏକଥା ଧ୍ରୁବ ସତ୍ୟ ଯେ ଏହି ମତବାଦୀ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ବିରୋଧ ହିଁ ସର୍ବସାଧାରଣଙ୍କୁ ବିରୋଧ ଜାଲରେ ଛନ୍ଦି ରଖିଛି। ଯଦି ଏହି ବିଦ୍ୱାନ୍‌ମାନେ ନିଜ ସଂକୀର୍ଣ୍ଣ ସ୍ୱାର୍ଥ ପୂର୍ତ୍ତିରେ ନ ପଡ଼ି ସମସ୍ତଙ୍କ କଲ୍ୟାଣ ସାଧନ କରିବାକୁ ଚାହିଁବେ, ତେବେ ବର୍ତ୍ତମାନ ହିଁ ଐକ୍ୟମତ ସ୍ଥାପିତ ହୋଇଯିବ। ଏହି ଏକମତ ହେବାର ଉପାୟ ଏହି ଗ୍ରନ୍ଥର ଅନ୍ତିମରେ 'ସ୍ୱମନ୍ତବ୍ୟାମନ୍ତବ୍ୟପ୍ରକାଶ' ପ୍ରକରଣରେ ଲେଖାଯିବ। ସର୍ବଶକ୍ତିମାନ୍ ପରମାତ୍ମା ଏକମତରେ ଉଦ୍‌ବୁଦ୍ଧ ହେବାର ଉତ୍ସାହ ସମସ୍ତ ମନୁଷ୍ୟଙ୍କ ଆତ୍ମାରେ ପ୍ରକାଶିତ କରନ୍ତୁ।**

**॥ ଅଲମତିବିସ୍ତରେଣ ବିପଶ୍ଚିଦ୍‌ବରଶିରୋମଣିଷୁ ॥**

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ବର୍ତ୍ତମାନ ଆର୍ଯ୍ୟମାନଙ୍କର ଅର୍ଥାତ୍ ଆର୍ଯ୍ୟାବର୍ତ୍ତରେ ବସବାସ କରୁଥିବା ଲୋକଙ୍କ ମତର ଖଣ୍ଡନ-ମଣ୍ଡନ ଅର୍ଥାତ୍ ସମ୍ୟକ୍ ଆଲୋଚନା କରାଯିବ।

ଏହି ଆର୍ଯ୍ୟାବର୍ତ୍ତ ଏପରି ଏକ ଦେଶ ଯାହାର ସଦୃଶ ଦେଶଟିଏ ସମଗ୍ର ପୃଥିବୀରେ ଆଉ ଦ୍ୱିତୀୟ ନାହିଁ। ଏହି ଭୂମି ସୁବର୍ଣ୍ଣାଦି ରତ୍ନ ଉତ୍ପନ୍ନ କରେ। ତେଣୁ ଏ ଭୂମିକୁ 'ସୁବର୍ଣ୍ଣଭୂମି' ବୋଲି କହନ୍ତି। ଏଇଥିପାଇଁ ସୃଷ୍ଟି ଆରମ୍ଭରେ ଆର୍ଯ୍ୟମାନେ ଆସି ଏହି ଦେଶରେ ବସତି ସ୍ଥାପନ କଲେ। ଆମେ ପୂର୍ବରୁ ସୃଷ୍ଟିବିଷୟ ପ୍ରକରଣରେ ପ୍ରକାଶ କରିଛୁ ଯେ ଉତ୍ତମ ବ୍ୟକ୍ତିଙ୍କୁ ଆର୍ଯ୍ୟ କୁହାଯାଏ ଏବଂ ଆର୍ଯ୍ୟେତର ଲୋକଙ୍କୁ ଅର୍ଥାତ୍ ଆର୍ଯ୍ୟଙ୍କଠୁ ଭିନ୍ନ ଗୁଣ-କର୍ମର ଲୋକଙ୍କୁ ଦସ୍ୟୁ କୁହାଯାଏ। ପୃଥିବୀରେ ଯେତେ ଦେଶ ଅଛି ସେମାନେ ସମସ୍ତେ ଆର୍ଯ୍ୟାବର୍ତ୍ତର ପ୍ରଶଂସା କରନ୍ତି ଓ ଏହାକୁ ଆଶାଭରା ଦୃଷ୍ଟିରେ ଦେଖନ୍ତି। ସଂସାରରେ 'ପରଶମଣି' ପଥର କଥା ତ ଶୁଣାଯାଏ, କିନ୍ତୁ ଏକଥା ତ ମିଥ୍ୟା, ପରନ୍ତୁ ଆର୍ଯ୍ୟାବର୍ତ୍ତ ଦେଶ ହିଁ ବାସ୍ତବିକ 'ପରଶମଣି' ଯାହାକୁ ଲୁହାରୂପକ ଦରିଦ୍ର ବିଦେଶୀମାନେ ଛୁଇଁବା ମାତ୍ରେ ସୁନା ପାଲଟିଯାଆନ୍ତି ଅର୍ଥାତ୍ ଧନାଢ଼୍ୟ ହୋଇଯାନ୍ତି।

ସୃଷ୍ଟି ଆରମ୍ଭରୁ ନେଇ ଆଜିଠୁ ପାଞ୍ଚ ହଜାର ବର୍ଷ ପୂର୍ବ ପର୍ଯ୍ୟନ୍ତ ଆର୍ଯ୍ୟମାନଙ୍କର 'ସାର୍ବଭୌମ ଚକ୍ରବର୍ତ୍ତୀ' ରାଜତ୍ୱ ଥିଲା ଅର୍ଥାତ୍ ସମଗ୍ର ପୃଥିବୀରେ ସର୍ବୋପରି ଏକମାତ୍ର ଆର୍ଯ୍ୟଙ୍କ ରାଜତ୍ୱ ଥିଲା। ଅନ୍ୟ ଦେଶମାନଙ୍କରେ

'ମାଣ୍ଡଳିକ' ଅର୍ଥାତ୍ ଛୋଟ-ଛୋଟ ରାଜାମାନେ ଶାସନ କରୁଥିଲେ। କୌରବ-ପାଣ୍ଡବଙ୍କ ସମୟ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତର ରାଜା ଓ ରାଜ୍ୟଶାସନ ଅଧୀନରେ ସମଗ୍ର ପୃଥିବୀର ସକଳ ରାଜା ଓ ପ୍ରଜା ପରିଚାଳିତ ହେଉଥିଲେ। ସୃଷ୍ଟିର ଆଦି କାଳରେ ରଚିତ ମନୁସ୍ମୃତିରୁ ପ୍ରମାଣ ମିଳେ —

**ଏତଦ୍‌ଦେଶପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ।**

**ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ॥** (ମନୁ. ୨.୨୦)

ଏହି ଆର୍ଯ୍ୟାବର୍ତ୍ତ ଦେଶରେ ଉତ୍ପନ୍ନ ବ୍ରାହ୍ମଣ ଅର୍ଥାତ୍ ବିଦ୍ୱାନଙ୍କଠାରୁ ସକଳ ସଂସାରର ମନୁଷ୍ୟ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଦସ୍ୟୁ, ମ୍ଲେଚ୍ଛ ପ୍ରଭୃତି ସମସ୍ତେ ନିଜ-ନିଜ ପାଇଁ ଯୋଗ୍ୟ ବିଦ୍ୟା ଓ ଚରିତ୍ରର ଶିକ୍ଷା କରିବା ଉଚିତ।

ପୁଣି ମହାରାଜା ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଓ ମହାଭାରତ ଯୁଦ୍ଧ ପର୍ଯ୍ୟନ୍ତ ସଂସାରର ସମସ୍ତ ରାଜ୍ୟ ଆର୍ଯ୍ୟାବର୍ତ୍ତର ଅଧୀନ ଥିଲେ। ଶୁଣ! **ଚୀନ୍**ର ଭଗଦତ୍ତ, **ଆମେରିକା**ର ବବ୍ରୁବାହନ, **ୟୁରୋପ୍**ର ବିଡ଼ାଳାକ୍ଷ ଅର୍ଥାତ୍ ମାର୍ଜାର ସଦୃଶ ଚକ୍ଷୁଧାରୀ ୟୂନାନ୍‌ର ଯବନ ଓ **ଇରାନ୍**ର ଶଲ୍ୟ ପ୍ରଭୃତି ସବୁ ରାଜା ଆଦେଶ ପାଇ ରାଜସୂୟ ଯଜ୍ଞ ଓ ମହାଭାରତ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଯେତେବେଳେ ରଘୁବଂଶୀମାନେ ଆର୍ଯ୍ୟାବର୍ତ୍ତରେ ରାଜତ୍ୱ କରୁଥିଲେ ସେତେବେଳେ ରାବଣ ବି ଏହାର ଅଧୀନରେ ଥିଲା। ରାମଚନ୍ଦ୍ରଙ୍କ ସମୟରେ ରାବଣ ଯେତେବେଳେ ବିରୋଧୀ, ଦୁଷ୍ଟାଚାରୀ ହୋଇଗଲା, ସେତେବେଳେ ରାମଚନ୍ଦ୍ର ତାକୁ ଦଣ୍ଡ ଦେଇ, ନିପାତ କରି ତା'ର ଭାଇ ବିଭୀଷଣକୁ ରାଜ୍ୟଭାର ଅର୍ପଣ କରିଥିଲେ।

ସ୍ୱାୟମ୍ଭୁବ ମନୁ ରାଜାଙ୍କଠାରୁ ଆରମ୍ଭ କରି ପାଣ୍ଡବଙ୍କ ପର୍ଯ୍ୟନ୍ତ ଆର୍ଯ୍ୟମାନଙ୍କର ଚକ୍ରବର୍ତ୍ତୀ ସାମ୍ରାଜ୍ୟ ଥିଲା। ପରବର୍ତ୍ତୀ ସମୟରେ ପାରସ୍ପରିକ ବିରୋଧ ଯୋଗୁଁ ନିଜ-ନିଜ ଭିତରେ ଯୁଦ୍ଧ କରି ନଷ୍ଟ ହୋଇଗଲେ। **କାରଣ ପରମାତ୍ମାଙ୍କ ଏହି ସୃଷ୍ଟିରେ ଅଭିମାନୀ, ଅନ୍ୟାୟକାରୀ ଓ ଅବିଦ୍ୱାନ୍ ଲୋକଙ୍କ ରାଜତ୍ୱ ଦୀର୍ଘକାଳ ତିଷ୍ଠିପାରେ ନାହିଁ। ତା'ଛଡ଼ା ଏହା ସଂସାରର ସ୍ୱାଭାବିକ ପ୍ରବୃତ୍ତି ଯେ ଯେତେବେଳେ ଆବଶ୍ୟକତାଠାରୁ ଅତ୍ୟଧିକ ଧନ ପ୍ରାପ୍ତ ହୋଇଯାଏ ସେତେବେଳେ ଆଳସ୍ୟ, ପୁରୁଷାର୍ଥହୀନତା, ଈର୍ଷ୍ୟା-ଦ୍ୱେଷ, ବିଷୟାସକ୍ତି ଓ ପ୍ରମାଦ ବୃଦ୍ଧିପାଏ।** ତଦ୍ୱାରା ଦେଶରେ ବିଦ୍ୟା, ସୁଶିକ୍ଷା ନଷ୍ଟ ହୋଇ ଦୁର୍ଗୁଣ-ଦୁର୍ବ୍ୟସନ ବଢ଼ିଯାଏ। ଯଥା - ମଦ୍ୟ-ମାଂସ ସେବନ, ବାଲ୍ୟାବସ୍ଥାରେ ବିବାହ ଓ ସ୍ୱେଚ୍ଛାଚାରିତା ଆଦି ଦୋଷ ବଢ଼ିଯାଏ। ଆଉ ଯେତେବେଳେ କୌଣସି ଦେଶର ସେନାବିଭାଗରେ ଯୁଦ୍ଧବିଦ୍ୟା କୌଶଳ ଓ ସୈନ୍ୟ ସଂଖ୍ୟା ଏତେ ବଢ଼ିଯାଏ ଯେ ତାହାର ସମ୍ମୁଖୀନ ହେବା ଭଳି ସମଗ୍ର ପୃଥିବୀରେ ଅନ୍ୟ କେହି ନ ଥାନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ ପକ୍ଷପାତ, ଅଭିମାନ ବୃଦ୍ଧି ପାଇ ତାଙ୍କ ଅନ୍ୟାୟ ବଢ଼ିଯାଏ। ଯେତେବେଳେ କୌଣସି ସାମ୍ରାଜ୍ୟରେ ଏଭଳି ଦୋଷ ଉପସ୍ଥିତ ହୁଏ, ସେତେବେଳେ ପାରସ୍ପରିକ ବିରୋଧ ହୋଇ ସେମାନଙ୍କ ବିନାଶ ହୁଏ। ଅଥବା ଅନ୍ୟ ସାଧାରଣ କୁଳରୁ ତାଙ୍କଠାରୁ ଅଧିକ କୌଣସି ସାମର୍ଥ୍ୟବାନ୍ ବ୍ୟକ୍ତି ବାହାରିଯାଏ ଯିଏକି ସେମାନଙ୍କୁ ପରାଜିତ କରିବାରେ ସମର୍ଥ ହୋଇଥାଏ; ଯେପରିକି ମୁସଲମାନଙ୍କ ସାମ୍ରାଜ୍ୟ ବିରୁଦ୍ଧରେ ଶିବାଜୀ, ଗୋବିନ୍ଦ ସିଂହ ଠିଆ ହୋଇ ମୁସଲମାନଙ୍କ ସାମ୍ରାଜ୍ୟକୁ ଛିନ୍ନ-ଭିନ୍ନ କରିଦେଇଥିଲେ।

**ଅଥ କିମେତୈର୍ବା ପରେଽନ୍ୟେ ମହାଧନୁର୍ଦ୍ଧରାଶ୍ଚକ୍ରବର୍ତ୍ତିନଃ କେଚିତ୍ ସୁଦ୍ୟୁମ୍ନଭୂରିଦ୍ୟୁମ୍ନେନ୍ଦ୍ରଦ୍ୟୁମ୍ନକୁବଲୟାଶ୍ୱଯୌବନାଶ୍ୱବଦ୍ଧ୍ର୍ୟଶ୍ୱାଶ୍ୱପତିଃ ଶଶବିନ୍ଦୁର୍ହରିଶ୍ଚନ୍ଦ୍ରୋଽମ୍ବରୀଷନନକ୍ତୁଶର୍ଯ୍ୟାତିୟଯାତ୍ୟନରଣ୍ୟାକ୍ଷସେନାଦୟଃ। ଅଥ ମରୁତ୍ତଭରତପ୍ରଭୃତୟୋ ରାଜନଃ ॥** (ମୈତ୍ରାୟଣୀ. ୧:୪)

ଉପରୋକ୍ତ ପ୍ରମାଣ ଆଦି ଦ୍ୱାରା ଏହା ପ୍ରମାଣିତ ହେଉଛି ଯେ ସୃଷ୍ଟି ଆରମ୍ଭରୁ ନେଇ ମହାଭାରତ କାଳ ପର୍ଯ୍ୟନ୍ତ

ଆର୍ଯ୍ୟକୁଳର ବ୍ୟକ୍ତିମାନେ ହିଁ ସାର୍ବଭୌମ ଚକ୍ରବର୍ତ୍ତୀ ରାଜା ହେଉଥିଲେ। ବର୍ତ୍ତମାନ ଦୁର୍ଭାଗ୍ୟବଶତଃ ସେମାନଙ୍କ ବଂଶଧରମାନେ ରାଜ୍ୟଭ୍ରଷ୍ଟ ହୋଇ ବିଦେଶୀମାନଙ୍କ ଅଧୀନତା ସ୍ୱୀକାର କରୁଛନ୍ତି। ଯେପରି ଏଠାରେ ସୁଦ୍ୟୁମ୍ନ, ଭୂରିଦ୍ୟୁମ୍ନ, ଇନ୍ଦ୍ରଦ୍ୟୁମ୍ନ, କୁବଳୟାଶ୍ୱ, ଯୌବନାଶ୍ୱ, ବଦ୍ଧ୍ର୍ୟଶ୍ୱ, ଅଶ୍ୱପତି, ଶଶବିନ୍ଦୁ, ହରିଶ୍ଚନ୍ଦ୍ର, ଅମ୍ବରୀଷ, ନନକ୍ତୁ, ଶର୍ଯ୍ୟାତି, ଯଯାତି, ଅନରଣ୍ୟ, ଅକ୍ଷସେନ, ମରୁତ୍ତ ଓ ଭରତ ପ୍ରଭୃତି 'ସାର୍ବଭୌମ' ଅର୍ଥାତ୍ ସମଗ୍ର ସଂସାରର ଅଧିପତି ଚକ୍ରବର୍ତ୍ତୀ ରାଜାଙ୍କ ନାମ ଉଲ୍ଲେଖ କରାଯାଇଛି, ସେହିପରି ସ୍ୱାୟମ୍ଭୁବ ଆଦି ଚକ୍ରବର୍ତ୍ତୀ ରାଜାଙ୍କ ନାମ ମନୁସ୍ମୃତି, ମହାଭାରତ ଆଦି ଗ୍ରନ୍ଥରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି। ଏହାକୁ ମିଥ୍ୟା ବୋଲି କହିବା ଅଜ୍ଞାନ ଓ ପକ୍ଷପାତୀ ଲୋକଙ୍କ କାର୍ଯ୍ୟ।

## ମନ୍ତ୍ରସିଦ୍ଧିର ବାସ୍ତବିକତା

**ପ୍ରଶ୍ନ —** ଯେଉଁ ଆଗ୍ନେୟାସ୍ତ୍ର ଆଦି ବିଦ୍ୟା କଥା ପ୍ରାଚୀନ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି, ସେସବୁ ସତ୍ୟ ନା ମିଥ୍ୟା ? ପୁଣି ସେ ସମୟରେ ତୋପ ଓ ବନ୍ଧୁକ ଥିଲା ନା ନାହିଁ ?

**ଉତ୍ତର —** ଏସବୁ କଥା ସତ। ଏସବୁ ଶସ୍ତ୍ର ବିଦ୍ୟମାନ ଥିଲା। କାରଣ 'ପଦାର୍ଥ-ବିଦ୍ୟା' ଦ୍ୱାରା ଏସବୁ ନିର୍ମାଣ କରିବା ସମ୍ଭବ।

**ପ୍ରଶ୍ନ —** କ'ଣ ଏସବୁ ଦେବତାମାନଙ୍କ ମନ୍ତ୍ର ଦ୍ୱାରା ସିଦ୍ଧ ହେଉଥିଲେ ?

**ଉତ୍ତର —** ନା। ଏସବୁ ଅସ୍ତ୍ର-ଶସ୍ତ୍ରକୁ **'ମନ୍ତ୍ର'** ଅର୍ଥାତ୍ ବିଚାର ଦ୍ୱାରା ନିର୍ମାଣ କରାଯାଉଥିଲା ଓ ଚାଳନ କରାଯାଉଥିଲା। ତା' ଛଡ଼ା ତୁମେ ଯେଉଁ **'ମନ୍ତ୍ର'** କଥା କହୁଛ ତାହା ତ ଶବ୍ଦମୟ ହୋଇଥାଏ, ତହିଁରୁ କୌଣସି ଦ୍ରବ୍ୟ ଉତ୍ପନ୍ନ ହୋଇନଥାଏ। **ଆଉ ଯଦି କେହି କହେ ଯେ ମନ୍ତ୍ରୋଚ୍ଚାରଣରୁ ଅଗ୍ନି ଉତ୍ପନ୍ନ ହୁଏ, ତେବେ ତ ସେ ମନ୍ତ୍ରର ଧ୍ୱନି ହୃଦୟରୁ ଉଦ୍‌ଗମ ହୋଇ ଜିହ୍ୱା ଚାଳନା ଦ୍ୱାରା ଶବ୍ଦ ରୂପେ ପ୍ରକାଶିତ ହେଉଥିବାରୁ ସେ ସ୍ଥାନରେ ଅଗ୍ନି ଉତ୍ପନ୍ନ ହୋଇ ପ୍ରଥମେ ମନ୍ତ୍ର ଜପକାରୀର ହୃଦୟ ଓ ଜିହ୍ୱାକୁ ଭସ୍ମ କରିଦେବ।** 'ମାରିବାକୁ ଯିବ ଶତ୍ରୁକୁ; କିନ୍ତୁ ମରିବ ନିଜେ।' ଏଣୁ 'ମନ୍ତ୍ର'ର ବାସ୍ତବିକ ଅର୍ଥ ହେଲା ବିଚାର। ଯେପରିକି **'ରାଜମନ୍ତ୍ରୀ'** କହିଲେ ରାଜକାର୍ଯ୍ୟ ସମ୍ବନ୍ଧରେ ବିଚାର କରୁଥିବା, ପରାମର୍ଶ ଦେଉଥିବା ବ୍ୟକ୍ତିଙ୍କୁ ବୁଝାଇଥାଏ। ସେହିପରି **'ମନ୍ତ୍ର'** ଅର୍ଥାତ୍ ବିଚାର ଦ୍ୱାରା ସୃଷ୍ଟିର ସକଳ ପଦାର୍ଥ ସମ୍ପର୍କରେ ପ୍ରଥମେ ଜ୍ଞାନ ଅର୍ଜନ କରି ଓ ତା'ପରେ କ୍ରିୟା କରିବା ଦ୍ୱାରା ଅନେକ ପ୍ରକାରର ପଦାର୍ଥ ଓ କ୍ରିୟାକୌଶଳ ଉତ୍ପନ୍ନ ହୋଇଥାଏ।

ଉଦାହରଣ ସ୍ୱରୂପ - କୌଣସି ଏକ ବ୍ୟକ୍ତି ଲୁହାର ବାଣ ବା ଗୋଳା ତିଆରି କରି ସେଥିରେ ଏପରି ପଦାର୍ଥ ରଖିଦିଏ ଯାହାକି ଅଗ୍ନି ସଂଯୋଗ କରିବା ଦ୍ୱାରା ବାୟୁରେ ଧୂଆଁ ବ୍ୟାପକ କରେ ଏବଂ ସୂର୍ଯ୍ୟକିରଣ ବା ବାୟୁର ସ୍ପର୍ଶ ପାଇବା ମାତ୍ରେ ଅଗ୍ନି ଜଳିଉଠେ। ଏହାର ନାମ **'ଆଗ୍ନେୟାସ୍ତ୍ର'**। ଅନ୍ୟ ଜଣେ ଯେତେବେଳେ ଏହାର ନିବାରଣ କରିବାକୁ ଚାହେଁ, ସେତେବେଳେ ତା' ଉପରେ **'ବରୁଣାସ୍ତ୍ର'** ପ୍ରୟୋଗ କରେ। ଅର୍ଥାତ୍ କୌଣସି ଶତ୍ରୁପକ୍ଷ ଅପର ଶତ୍ରୁପକ୍ଷର ସେନାକୁ ନଷ୍ଟ କରିବାକୁ ସେ ସେନା ଉପରେ ଯେମିତି ଆଗ୍ନେୟାସ୍ତ୍ର ନିକ୍ଷେପ କରେ, ତୁରନ୍ତ ହିଁ ଅପର ପକ୍ଷର ସେନାର ସୁରକ୍ଷା ପାଇଁ ତା'ର ସେନାପତି ବରୁଣାସ୍ତ୍ର ଦ୍ୱାରା ଆଗ୍ନେୟାସ୍ତ୍ରର ପ୍ରତିକାର କରିଦିଏ। ବରୁଣାସ୍ତ୍ର ଏପରି ଉପାଦାନର ଯୋଗରେ ତିଆରି ହୋଇଥାଏ ଯାହାର ଧୂଆଁ ବାୟୁର ସଂସ୍ପର୍ଶରେ ଆସିବା ମାତ୍ରେ ମେଘ ସୃଷ୍ଟି ହୋଇ ବର୍ଷିବାକୁ ଲାଗେ ଏବଂ ଅଗ୍ନିକୁ ଲିଭାଇ ଦିଏ। ଏପରି ହିଁ **'ନାଗପାଶ'** ଏକ ଅସ୍ତ୍ର ଯାହାକି ଶତ୍ରୁ ଉପରେ ନିକ୍ଷେପ କଲେ ତାହା ଶତ୍ରୁର ଶରୀରରେ ଗୁଡ଼େଇ ହୋଇ ତାକୁ ବାନ୍ଧିପକାଏ। ସେହିପରି ଆଉ ଏକ ଅସ୍ତ୍ର ହେଲା **'ମୋହନାସ୍ତ୍ର'**। ଏଥିରେ ନିଶା ଦ୍ରବ୍ୟ ଥାଏ, ଯାହାର ଧୂଆଁ ବାଜିବା ମାତ୍ରେ ସମସ୍ତ ଶତ୍ରୁସୈନ୍ୟ ନିଦ୍ରିତ ଅର୍ଥାତ୍ ମୂର୍ଚ୍ଛିତ ହୋଇଯାନ୍ତି।

ପୁଣି ଏକ ତାର ଦ୍ୱାରା, ବା ସୀସା କିମ୍ବା ଅନ୍ୟ କୌଣସି ପଦାର୍ଥ ଦ୍ୱାରା ବିଦ୍ୟୁତ୍ ଉତ୍ପନ୍ନ କରି ଶତ୍ରୁଙ୍କୁ ନାଶ କରୁଥିଲେ। ତାହାକୁ ମଧ୍ୟ **'ଆଗ୍ନେୟାସ୍ତ୍ର'** ବା **'ପାଶୁପତାସ୍ତ୍ର'** କୁହାଯାଉଥିଲା। ଏହିପରି ଭାବେ ସବୁ ଅସ୍ତ୍ର-ଶସ୍ତ୍ର ଥିଲା।

**'ତୋପ'** ଓ **'ବନ୍ଧୁକ'** ଏହା ହେଉଛି ବୈଦେଶିକ ନାମ, ଏହା ସଂସ୍କୃତ ଓ ଆର୍ଯ୍ୟାବର୍ତ୍ତୀୟ ଭାଷାର ନାମ ନୁହେଁ। ସଂସ୍କୃତ ଓ ଆର୍ଯ୍ୟଭାଷାରେ ତୋପକୁ **'ଶତଘ୍ନୀ'** ଏବଂ ବନ୍ଧୁକକୁ **'ଭୁଶୁଣ୍ଡୀ'** କୁହାଯାଏ। ଯେଉଁମାନେ ସଂସ୍କୃତ ପଢ଼ିନାହାନ୍ତି ଓ ଏହି ଦେଶର ଭାଷା ବି ଠିକ୍-ଠିକ୍ ଜାଣନ୍ତି ନାହିଁ, ସେମାନେ ଭ୍ରମବଶତଃ ଯାହା ଇଚ୍ଛା ତାହା ଲେଖନ୍ତି ଓ କାହାକୁ କ'ଣ ବୋଲି କହିଥାନ୍ତି। ବୁଦ୍ଧିମାନ୍ ଲୋକମାନେ ତ ସେମାନଙ୍କ କଥାକୁ ପ୍ରମାଣ ରୂପେ ଗ୍ରହଣ କରିପାରନ୍ତି ନାହିଁ।

**ଯେତେ ବିଦ୍ୟା ପୃଥିବୀରେ ପ୍ରଚଳିତ ହୋଇଛି, ସେ ସବୁ ଆର୍ଯ୍ୟାବର୍ତ୍ତ ଦେଶରୁ ମିଶର, ସେଠାରୁ ୟୁନାନ୍, ୟୁନାନ୍‌ରୁ ରୋମ୍, ସେଠାରୁ ୟୁରୋପୀୟ ଦେଶ ଏବଂ ୟୁରୋପ୍‌ରୁ ଆମେରିକା ଆଦି ଦେଶରେ ପ୍ରସାରିତ ହୋଇଛି।** ବର୍ତ୍ତମାନ ସୁଦ୍ଧା ସଂସ୍କୃତ ଭାଷାର ଯେତିକି ପ୍ରଚାର ଆର୍ଯ୍ୟାବର୍ତ୍ତରେ ଅଛି ସେତିକି ଅନ୍ୟ କୌଣସି ଦେଶରେ ନାହିଁ। ଯେଉଁମାନେ କହନ୍ତି କି ଜର୍ମାନ୍‌ରେ ସଂସ୍କୃତର ବହୁତ ପ୍ରଚାର ଅଛି ଏବଂ ମ୍ୟାକ୍ସମୁଲର ସାହେବ ଯେତିକି ସଂସ୍କୃତ ପଢ଼ିଛନ୍ତି ଅନ୍ୟ କେହି ସେତିକି ପଢ଼ିନାହାନ୍ତି, ଏସବୁ କେବଳ କଥନ ମାତ୍ର। କାରଣ, **'ଯସ୍ମିନ୍ ଦେଶେ ଦ୍ରୁମୋ ନାସ୍ତି ତତ୍ରୈରଣ୍ଡୋଽପି ଦ୍ରୁମାୟତେ'** — ଯେଉଁ ସ୍ଥଳରେ ବୃକ୍ଷ ନାହିଁ, ସେଠାରେ ଜଡ଼ା ଗଛକୁ ହିଁ ବଡ଼ ବୃକ୍ଷ ବୋଲି ମାନିନେଇଥାନ୍ତି। ସେହିପରି ୟୁରୋପୀୟ ଦେଶରେ ସଂସ୍କୃତର ବିଶେଷ ପ୍ରଚାର-ପ୍ରସାର ନ ଥିବାରୁ ଜର୍ମାନ ଲୋକେ ଓ ମ୍ୟାକ୍ସମୁଲର ଅଳ୍ପ କିଛି ପଢ଼ିଲେ, ତାହା ସେ ଦେଶର ଲୋକଙ୍କ ପାଇଁ ବହୁତ। କିନ୍ତୁ ଆର୍ଯ୍ୟାବର୍ତ୍ତ ଦେଶ ଆଡ଼କୁ ଦୃଷ୍ଟି ପକାଇଲେ ସଂସ୍କୃତ ଦୃଷ୍ଟିରୁ ଯା ତୁଳନାରେ ଜର୍ମାନ ଓ ମ୍ୟାକ୍ସମୁଲରଙ୍କ ସ୍ଥାନ ଅତି ନ୍ୟୂନ। କାରଣ ମୁଁ ଜର୍ମାନୀର ନିବାସୀ ଜଣେ ପ୍ରିନ୍‌ସପାଲଙ୍କ ପତ୍ରରୁ ଜାଣିବାକୁ ପାଇଲି ଯେ ଜର୍ମାନୀରେ ସଂସ୍କୃତ-ଚିଠିର ଅର୍ଥ କରିପାରିବା ଲୋକଙ୍କ ସଂଖ୍ୟା ବି ବହୁତ କମ୍। ତା' ଛଡ଼ା ମ୍ୟାକ୍ସମୁଲରଙ୍କ ସଂସ୍କୃତ-ସାହିତ୍ୟ ଓ ବେଦର ଅଳ୍ପ କେତେକ ମନ୍ତ୍ରର ବ୍ୟାଖ୍ୟା ଦେଖି ମୋର ଅନୁଭବ ହେଉଛି ଯେ ମ୍ୟାକ୍ସମୁଲର ଆର୍ଯ୍ୟାବର୍ତ୍ତର କୌଣସି-କୌଣସି ଅଗା-ବଗା-ଖଗା ବେଦବିଷୟକ ଟୀକା-ଟିପ୍ପଣୀ ଦେଖି କିଛି-କିଛି ଯଥା-ତଥା ଲେଖିଦେଇଛନ୍ତି। ଉଦାହରଣ ସ୍ୱରୂପ —

**ୟୁଞ୍ଜନ୍ତି ବ୍ରଧ୍ନମରୁଷଂ ଚରନ୍ତଂ ପରିତସ୍ଥୁଷଃ। ରୋଚନ୍ତେ ରୋଚନା ଦିବି ॥** (ଋକ୍. ୧:୬:୧)

ଏହି ମନ୍ତ୍ରର ଅର୍ଥ କରି ମ୍ୟାକ୍ସମୁଲର **'ବ୍ରଧ୍ନ'** ଶବ୍ଦର ଅର୍ଥ 'ଘୋଡ଼ା' ବୋଲି ଲେଖିଛନ୍ତି। ସାୟଣାଚାର୍ଯ୍ୟ ଏହି ଶବ୍ଦର ଅର୍ଥ 'ସୂର୍ଯ୍ୟ' ବୋଲି ଯାହା ଲେଖିଛନ୍ତି ତାହା ବରଂ ଗୋଟିଏ ଦୃଷ୍ଟିରୁ ଠିକ୍। କିନ୍ତୁ **ଏ ମନ୍ତ୍ରରେ ଏହି ଶବ୍ଦର ଯଥାର୍ଥ ଅର୍ଥ ହେଲା 'ପରମାତ୍ମା',** ଏହା ମୋ ଲିଖିତ 'ଋଗ୍‌ବେଦାଦିଭାଷ୍ୟଭୂମିକା' ଗ୍ରନ୍ଥରୁ ଦେଖନ୍ତୁ। ସେଠାରେ ଏହି ମନ୍ତ୍ରର ଯଥାର୍ଥ ଅର୍ଥ କରାଯାଇଛି। ଏତିକିରୁ ଅନୁମାନ କରିନିଅନ୍ତୁ କି ଜର୍ମାନ୍ ଲୋକ ଓ ମ୍ୟାକ୍ସମୁଲରଙ୍କର ସଂସ୍କୃତରେ ପାଣ୍ଡିତ୍ୟ କେତେ ?

ଏକଥା ନିଶ୍ଚିତ ଯେ ସଂସାରରେ ଯେତେ ବିଦ୍ୟା ଓ ବିଚାର ପ୍ରସାରିତ ହୋଇଛି, ସେସବୁ ଆର୍ଯ୍ୟାବର୍ତ୍ତରୁ ହିଁ ଯାଇଛି। ଦେଖନ୍ତୁ ଏ ବିଷୟରେ ଫ୍ରାନ୍‌ସର ଜ୍ୟାକୋଲିଅଟ୍ ନାମକ ଜନୈକ ବିଦ୍ୱାନ୍ 'ଦି ବାଇବେଲ୍ ଇନ୍ ଇଣ୍ଡିଆ' ନାମକ ପୁସ୍ତକରେ ଲେଖିଛନ୍ତି — **"ସମସ୍ତ ବିଦ୍ୟା ଓ କଲ୍ୟାଣର ଭଣ୍ଡାର ହେଉଛି ଆର୍ଯ୍ୟାବର୍ତ୍ତ। ସମସ୍ତ ବିଦ୍ୟା ଓ ବିଚାର ଏହି ଦେଶରୁ ଅନ୍ୟତ୍ର ପ୍ରସାରିତ ହୋଇଛି।"** ପୁନଶ୍ଚ ସେ ପରମାତ୍ମାଙ୍କୁ ପ୍ରାର୍ଥନା କରୁଛନ୍ତି କି — **"ହେ ପରମେଶ୍ୱର ! ପୂର୍ବକାଳରେ ଆର୍ଯ୍ୟାବର୍ତ୍ତ ଯେଭଳି ଉନ୍ନତ ଥିଲା, ଆମ ଦେଶକୁ ସେପରି ଉନ୍ନତ କରନ୍ତୁ।"**

ଏହା ଏହି ଗ୍ରନ୍ଥରୁ ଦେଖିପାରିବେ।

ସେହିପରି ବାଦ୍‌ଶାହ 'ଦାରାଶିକୋହ'ଙ୍କର ମଧ୍ୟ ନିଶ୍ଚିନ୍ତ ସିଦ୍ଧାନ୍ତ ଥିଲା ଯେ 'ସଂସ୍କୃତରେ ଯେପରି ସମସ୍ତ ବିଦ୍ୟା ପୂରି ରହିଛି, ଅନ୍ୟ କୌଣସି ଭାଷାରେ ସେପରି ନାହିଁ।' ଉପନିଷଦର ଅନୁବାଦରେ ସେ ମତ ଦେଇଛନ୍ତି — **"ମୁଁ ଆରବୀ ଆଦି ବହୁତ ଭାଷାର ଶାସ୍ତ୍ର ଅଧ୍ୟୟନ କଲି, କିନ୍ତୁ କେଉଁଥିରେ ବି ମୋର ମନର ସନ୍ଦେହ ଦୂର ହୋଇ ଆନନ୍ଦ ମିଳିଲା ନାହିଁ। ଯେତେବେଳେ ସଂସ୍କୃତ ପଢ଼ାଶୁଣା କଲି ସେତେବେଳେ ମୋର ସକଳ ସଂଶୟ ଦୂରୀଭୂତ ହୋଇ ମୋତେ ପରମ ଆନନ୍ଦ ପ୍ରାପ୍ତ ହେଲା।"**

କାଶୀର 'ମାନମନ୍ଦିର'ରେ ଥିବା ଶିଶୁମାରଚକ୍ରକୁ ଦେଖ, ଯାହାକି ଏବେ ପୂର୍ଣ୍ଣତଃ ସୁରକ୍ଷିତ ହୋଇ ବି ରହି ନାହିଁ, ତଥାପି ଏହା କେତେ ଉତ୍ତମ ଯେ ଯାହାଦ୍ୱାରା ବର୍ତ୍ତମାନ ମଧ୍ୟ ଖଗୋଳ ସମ୍ବନ୍ଧୀୟ ବହୁତ ତଥ୍ୟ ଜଣାଯାଉଛି। ଜୟପୁରାଧୀଶ ଯଦି ଏହାର ସୁରକ୍ଷା ଓ ଜୀର୍ଣ୍ଣ-ଶୀର୍ଣ୍ଣର ମରାମତି କରନ୍ତି ତେବେ ବହୁତ ଭଲ ହେବ।

## ମହାଭାରତ ଯୁଦ୍ଧର ଦୁଷ୍ପରିଣାମ

ପରନ୍ତୁ ଏପରି ଶିରୋମଣି ଦେଶକୁ ମହାଭାରତ ଯୁଦ୍ଧ ଏଭଳି ଆଘାତ ଦେଲା ଯେ ଆଜି ପର୍ଯ୍ୟନ୍ତ ଏହା ନିଜ ପୂର୍ବ ଅବସ୍ଥାକୁ ଫେରିପାରି ନାହିଁ। କାରଣ ଯେତେବେଳେ ଭାଇ ହିଁ ଭାଇକୁ ମାରିବାକୁ ଲାଗିବ ତେବେ ବିନାଶ ହେବାରେ ଆଉ ସନ୍ଦେହ କ'ଣ?

**ବିନାଶକାଳେ ବିପରୀତବୁଦ୍ଧିଃ।** (ଚାଣକ୍ୟ. ୧୬:୫)

ବିନାଶ ହେବାର ସମୟ ନିକଟ ହେଲେ ବୁଦ୍ଧି ବିପରୀତ ହୋଇ ବ୍ୟକ୍ତି ଓଲଟା କାମ କରେ। କେହି ତାକୁ ଠିକ୍ କଥା ବୁଝାଇଲେ ସେ ତାକୁ ଭୁଲ୍ ମନେକରେ ଏବଂ କେହି ଓଲଟା କଥା ଶିଖାଇଲେ ସେ ତାକୁ ଠିକ୍ ମାନିଥାଏ। ମହାଭାରତ ଯୁଦ୍ଧରେ ଯେତେବେଳେ ବଡ଼-ବଡ଼ ବିଦ୍ୱାନ୍, ରାଜା-ମହାରାଜା, ଋଷି-ମହର୍ଷିମାନେ ବହୁ ସଂଖ୍ୟାରେ ମୃତ୍ୟୁବରଣ କଲେ, ସେତେବେଳେ ବିଦ୍ୟା ଓ ବେଦୋକ୍ତ ଧର୍ମର ପ୍ରଚାର-ପ୍ରସାର ଲୋପ ହେବାକୁ ଲାଗିଲା। ପରସ୍ପର ମଧ୍ୟରେ ଈର୍ଷ୍ୟା, ଦ୍ୱେଷ, ଅଭିମାନ ବୃଦ୍ଧି ପାଇବାକୁ ଲାଗିଲା। ଯିଏ ବଳବାନ୍ ହେଲା ସେ ଅନ୍ୟମାନଙ୍କୁ ଦବେଇ ରାଜା ହୋଇଗଲା। ସମଗ୍ର ଆର୍ଯ୍ୟାବର୍ତ୍ତରେ ଏହିପରି ଭାବେ ଚକ୍ରବର୍ତ୍ତୀ ରାଜ୍ୟ ଖଣ୍ଡ-ବିଖଣ୍ଡିତ ହୋଇପଡ଼ିଲା। ନିଜ ଦେଶର ଅବସ୍ଥା ତ ଅସମ୍ଭାଳ ହୋଇପଡ଼ିଲା, ଆଉ ଦ୍ୱୀପ-ଦ୍ୱୀପାନ୍ତରର ରାଜ୍ୟ ବ୍ୟବସ୍ଥା କଥା ବୁଝୁଛି କିଏ?

ଯେତେବେଳେ ବ୍ରାହ୍ମଣମାନେ ହିଁ ବିଦ୍ୟାହୀନ ହୋଇଗଲେ ସେତେବେଳେ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନେ ଅବିଦ୍ୱାନ୍ ହୋଇଯିବା କଥା ଆଉ କ'ଣ କୁହାଯିବ? ପରମ୍ପରାକ୍ରମେ ଅର୍ଥ ସହିତ ବେଦାଦି ଶାସ୍ତ୍ରର ପଠନ-ପାଠନର ଯେଉଁ ପ୍ରଚାର ଥିଲା, ତାହା ଧୀରେ-ଧୀରେ ଲୋପ ପାଇବାକୁ ଲାଗିଲା। ବ୍ରାହ୍ମଣମାନେ କେବଳ ଜୀବିକା ଅର୍ଜନ ନିମନ୍ତେ ଅର୍ଥ ନ ବୁଝି କେବଳ ପାଠମାତ୍ର କରିଚାଲିଲେ। ସେହି ଅର୍ଥ-ରହିତ ବେଦ-ଶାସ୍ତ୍ରର ପଠନକୁ ମଧ୍ୟ କ୍ଷତ୍ରିୟ ଆଦିଙ୍କୁ ପଢ଼ାଇଲେ ନାହିଁ। ଯେହେତୁ ବିଦ୍ୱାନ୍ ନ ହୋଇ ଗୁରୁ ହୋଇଗଲେ, ତେଣୁ ଛଳ-କପଟ, ଅଧର୍ମ ବି ତାଙ୍କ ଭିତରେ ବଢ଼ିବାକୁ ଲାଗିଲା। ବ୍ରାହ୍ମଣମାନେ ବିଚାର କଲେ ଯେ ନିଜର ଜୀବିକାର ସ୍ଥାୟୀ ବ୍ୟବସ୍ଥା କରିବା ଉଚିତ। ପରସ୍ପର ଆଲୋଚନା କରି, ଏଥିରେ ଏକମତ ହୋଇ, କ୍ଷତ୍ରିୟ ଆଦିଙ୍କୁ ଉପଦେଶ ଦେବାକୁ ଲାଗିଲେ — 'ଆମେ ହିଁ ତୁମର ପୂଜ୍ୟ ଦେବ। ଆମର ସେବା କଲେ ତୁମକୁ ସ୍ୱର୍ଗ ଓ ମୁକ୍ତି ମିଳିବ। ଆଉ ଆମ ସେବା ନ କଲେ ତୁମକୁ ସ୍ୱର୍ଗ କି ମୁକ୍ତି ମିଳିବ ନାହିଁ, ତୁମେମାନେ ଘୋର ନର୍କରେ ପଡ଼ିବ।' ବେଦ ଓ ମୁନିଋଷିଙ୍କ ଶାସ୍ତ୍ରରେ ଯେଉଁ କଥା ଲେଖାଯାଇଥିଲା ଯେ ପୂର୍ଣ୍ଣ ବିଦ୍ୱାନ୍ ଓ ଧାର୍ମିକଙ୍କୁ 'ବ୍ରାହ୍ମଣ' କୁହାଯାଏ ତଥା ଏମାନେ ପୂଜନୀୟ ଅଟନ୍ତି, ସେହି କଥାକୁ

ଏମାନେ, ମୂର୍ଖ, ବିଷୟାସକ୍ତ, କପଟୀ, ଲମ୍ପଟ, ଅଧାର୍ମିକମାନେ, ନିଜ ପ୍ରତି ପ୍ରୟୋଗ କରି ଆମେ ବ୍ରାହ୍ମଣ, ଏଣୁ ପୂଜ୍ୟ ବୋଲି ପ୍ରଚାର କରିବାକୁ ଲାଗିଲେ। ବିଚାରଣୀୟ ଯେ ବେଦ ଓ ଋଷି-ମୁନିଙ୍କ ଦ୍ୱାରା କଥିତ ବ୍ରାହ୍ମଣର ଲକ୍ଷଣ ଏ ମୂର୍ଖ, ସ୍ୱାର୍ଥୀମାନଙ୍କ ପାଖରେ କୁଆଡୁ ଆସିବ ? ତେଣୁ ବ୍ରାହ୍ମଣ ପୂଜ୍ୟ ଏହି କଥା ଏମାନଙ୍କ ପ୍ରତି କିପରି ପ୍ରଯୁଜ୍ୟ ହେବ ? କିନ୍ତୁ ଯେହେତୁ କ୍ଷତ୍ରିୟାଦି ଯଜମାନ ସଂସ୍କୃତ-ବିଦ୍ୟାରୁ ଏକାନ୍ତ ରହିତ ଥିଲେ, ତେଣୁ ସେମାନଙ୍କ ଆଗରେ ଏ ସ୍ୱାର୍ଥପରମାନେ ଯାହା-ଯାହା ଗପ ମାରିଲେ, ସେମାନେ ସେସବୁକୁ ସତ୍ୟ ବୋଲି ମାନିନେଲେ। ଯେତେବେଳେ ସେମାନେ ମାନିନେଲେ, ତା'ପରେ ତ ଏହି ନାମ-ମାତ୍ର ବ୍ରାହ୍ମଣମାନଙ୍କ କଚେ ପୁଅ ବାର। ସମସ୍ତଙ୍କୁ ସ୍ୱ ବାଗ୍‌ଜାଲରେ ଆବଦ୍ଧ କରି ବଶୀଭୂତ କରିନେଲେ ଏବଂ କହିବାକୁ ଲାଗିଲେ — **'ବ୍ରାହ୍ମବାକ୍ୟଂ ଜନାର୍ଦ୍ଦନଃ'** — ବ୍ରାହ୍ମଣ ମୁହଁରୁ ଯେଉଁ ବଚନ ବାହାରେ, ଜାଣିବା ଉଚିତ ଯେ ତାହା ସାକ୍ଷାତ୍ ଭଗବାନଙ୍କ ମୁଖନିଃସୃତ ବାଣୀ।

ଯେତେବେଳେ କ୍ଷତ୍ରିୟାଦି ବର୍ଣ୍ଣ ବିଦ୍ୟାଚକ୍ଷୁ ହୀନ ଅଥଚ ଧନସମ୍ପଦ ପରିପୂର୍ଣ୍ଣ ହେଲେ, ସ୍ୱାର୍ଥୀ ବ୍ରାହ୍ମଣଙ୍କୁ ଚେଲା ମିଳିଲେ। ତା'ପରେ ତ ଏ ବୃଥା 'ବ୍ରାହ୍ମଣ' ବୋଲାଉଥିବା ଲୋକଙ୍କୁ ବିଷୟାନନ୍ଦର ଉପବନ ମିଳିଗଲା। ଏ ଧୂର୍ତ୍ତମାନେ ଏକଥା ବି ପ୍ରଚାର କଲେ ଯେ ପୃଥିବୀରେ ଯାହା କିଛି ଉତ୍ତମ ପଦାର୍ଥ ଅଛି, ସେସବୁ ବ୍ରାହ୍ମଣଙ୍କ ପାଇଁ। ଅର୍ଥାତ୍ ଗୁଣ-କର୍ମ-ସ୍ୱଭାବ ଆଧାରିତ ବ୍ରାହ୍ମଣାଦି ବର୍ଣ୍ଣର ଯେଉଁ ବ୍ୟବସ୍ଥା ଥିଲା, ତାହାକୁ ନଷ୍ଟ କରି ତା' ସ୍ଥାନରେ ଜନ୍ମ ଆଧାରିତ ବ୍ରାହ୍ମଣାଦି ଜାତି ବ୍ୟବସ୍ଥାର ପ୍ରଚଳନ କଲେ। ଯଜମାନଠାରୁ ମୃତକ ନାମରେ ବି ଦାନ ନେବାକୁ ଲାଗିଲେ ଏବଂ ସ୍ତ୍ରୀ ପର୍ଯ୍ୟନ୍ତ ଦାନ ରୂପେ ନେଲେ। ନିଜର ଯେମିତି ଇଚ୍ଛା ହେଲା ସେମିତି କରିଚାଲିଲେ। ଏମିତି ବି ପ୍ରଚାର କଲେ ଯେ — 'ଆମେ ହେଲୁ ଭୂଦେବ। ଆମ ସେବା ବିନା କାହାକୁ ଦେବଲୋକ ମିଳିବ ନାହିଁ।' ଏମାନଙ୍କୁ ପଚାରିବା ଉଚିତ ଯେ — "ଆମକୁ ଯେଉଁ ଲୋକ ମିଳିବ, ତା' ତ ଅଲଗା କଥା, ଆଗ କୁହ — 'ତୁମେ କେଉଁ ଲୋକକୁ ଯିବ ?' ତୁମେ ଯେପରି କର୍ମମାନ କରୁଛ ତାହା ତ ଘୋର ନରକ ଭୋଗିବା ଯୋଗ୍ୟ କାମ; ତେଣୁ କୃମି, କୀଟ, ପତଙ୍ଗାଦି ହେବ।" ଏହା ଶୁଣି ସେମାନେ କ୍ରୋଧରେ ଜର୍ଜରିତ ହୋଇ କହିବେ — "ଆମେ ଅଭିଶାପ ଦେବୁ, ତୁମର ସର୍ବନାଶ ହୋଇଯିବ। କାରଣ ଶାସ୍ତ୍ରରେ କୁହାଯାଇଛି — **'ବ୍ରହ୍ମଦ୍ୱେଷୀ ବିନଶ୍ୟତି'** — ବ୍ରାହ୍ମଣଙ୍କୁ ଦ୍ୱେଷ କରିବା ବ୍ୟକ୍ତି ନାଶ ହୋଇଯାଏ।" ସେମାନଙ୍କୁ ଉତ୍ତର ଦେବା ଉଚିତ ଯେ — 'ଅବଶ୍ୟ ଏକଥା ଠିକ୍ ଯେ ସମ୍ପୂର୍ଣ୍ଣ ବେଦ ଓ ପରମାତ୍ମାଙ୍କୁ ଜାଣିଥିବା, ଧର୍ମାତ୍ମା, ସକଳ ଜଗତର ଉପକାର କରୁଥିବା ବ୍ୟକ୍ତିକୁ ଯିଏ ଦ୍ୱେଷ କରିବ, ତା'ର ନିଶ୍ଚୟ ବିନାଶ ଘଟିବ। କିନ୍ତୁ ଯେଉଁମାନେ ବ୍ରାହ୍ମଣ ନୁହନ୍ତି, ସେମାନଙ୍କୁ ବ୍ରାହ୍ମଣ କହିବା ଉଚିତ ନୁହେଁ କି ସେବା କରିବା ବି ଉଚିତ ନୁହେଁ। ଆଉ ତୁମେ ତ ବ୍ରାହ୍ମଣ ନୁହଁ।'

**ପ୍ରଶ୍ନ —** ତେବେ ଆମେ କ'ଣ ?

**ଉତ୍ତର —** ତୁମେମାନେ ହେଉଛ **'ପୋପ୍'**।

**ପ୍ରଶ୍ନ —** 'ପୋପ୍' କାହାକୁ କହନ୍ତି ?

**ଉତ୍ତର —** ବାସ୍ତବରେ ରୋମାନ୍ ଭାଷାରେ ତ ଗୁରୁଜନ ଓ ପିତାଙ୍କୁ **'ପୋପ୍'** କୁହାଯାଏ। କିନ୍ତୁ ବର୍ତ୍ତମାନ ଛଳ-କପଟାଦି ଦ୍ୱାରା ଅନ୍ୟକୁ ଠକି ନିଜର ସ୍ୱାର୍ଥ ସିଦ୍ଧି କରୁଥିବା ଲୋକଙ୍କୁ **'ପୋପ୍'** କୁହାଯାଉଛି।

**ପ୍ରଶ୍ନ —** ଆମେ ତ ବ୍ରାହ୍ମଣ ଓ ସାଧୁ। କାରଣ ଆମ ପିତା-ମାତା ବ୍ରାହ୍ମଣ-ବ୍ରାହ୍ମଣୀ ତଥା ଆମେ ଅମୁକ ସାଧୁଙ୍କ ଚେଲା।

**ଉତ୍ତର —** ଏହା ସତ ହୋଇପାରେ ଯେ ତୁମ ମାତା-ପିତା ବ୍ରାହ୍ମଣୀ-ବ୍ରାହ୍ମଣ ଓ ତୁମେ କୌଣସି ସାଧୁଙ୍କ ଚେଲା। କିନ୍ତୁ ଶୁଣ ଭାଇ ! **ମାଆ-ବାପା ବ୍ରାହ୍ମଣୀ-ବ୍ରାହ୍ମଣ ହେଲେ କିମ୍ବା କୌଣସି ସାଧୁଙ୍କ ଶିଷ୍ୟ ହୋଇଗଲେ**

**କେହି ବ୍ରାହ୍ମଣ କି ସାଧୁ ହୋଇପାରେ ନାହିଁ। ବରଂ ନିଜର ଉତ୍ତମ ଗୁଣ, କର୍ମ, ସ୍ୱଭାବ ଦ୍ୱାରା ବ୍ୟକ୍ତି ବ୍ରାହ୍ମଣ ଓ ସାଧୁ ହୋଇଥାଏ, ଯିଏ କି ପରୋପକାରୀ ହୋଇଥାଏ।**

ଶୁଣିବାକୁ ମିଳେ ଯେ ରୋମ୍‌ର **'ପୋପ୍'** ନିଜ ଚେଲାମାନଙ୍କୁ କହୁଥିଲେ କି ତୁମେ ଯଦି ନିଜର ପାପ ଆମ ଆଗରେ ପ୍ରକାଶ କରିବ, ତେବେ ଆମେ ସେସବୁ କ୍ଷମା କରିଦେବୁ। ଆମ ସେବା ନକରି ଓ ଆମ ଆଜ୍ଞା ବିନା କେହି ମଧ୍ୟ ସ୍ୱର୍ଗକୁ ଯାଇପାରିବେ ନାହିଁ। ଯଦି ତୁମେ ସ୍ୱର୍ଗକୁ ଯିବାକୁ ଚାହୁଁଛ, ତେବେ ଆମ ପାଖରେ ଯେତେ ଟଙ୍କା ଜମା କରିବ, ସେତିକି ମୂଲ୍ୟର ସାମଗ୍ରୀ ସ୍ୱର୍ଗରେ ତୁମକୁ ମିଳିବ। ତାଙ୍କର କଥା ଶୁଣି ଯଦି କେହି ବୁଦ୍ଧିହୀନ ଅଥଚ ଧନବାନ୍ ବ୍ୟକ୍ତି ସ୍ୱର୍ଗଲାଭ ଆଶାରେ ଲକ୍ଷେ ଟଙ୍କା 'ପୋପ୍'ଙ୍କୁ ଦେଉଥିଲା, ସେତେବେଳେ 'ପୋପ୍' ମହାଶୟ ଯୀଶୁ ଓ ମେରୀଙ୍କ ମୂର୍ତ୍ତି ସାମ୍ନାରେ ଠିଆ ହୋଇ ଏପରି ଏକ ହୁଣ୍ଡି ଅର୍ଥାତ୍ ଟଙ୍କା ଦେବାର ବରାଦୀ ପତ୍ର ଲେଖି ଦେଉଥିଲେ —

"ହେ ପରମେଶ୍ୱର-ଦୂତ ଯୀଶୁଖ୍ରୀଷ୍ଟ ! ଅମୁକ ବ୍ୟକ୍ତି ସ୍ୱର୍ଗକୁ ଯିବା ପାଇଁ ଆପଣଙ୍କ ନାମରେ ଏକ ଲକ୍ଷ ଟଙ୍କା ଆମ ନିକଟରେ ଜମା କରିଦେଇଛନ୍ତି। ଯେତେବେଳେ ସେ ସ୍ୱର୍ଗକୁ ଯିବେ ସେତେବେଳେ ଆପଣ ଆପଣଙ୍କ ପିତାଙ୍କ ସ୍ୱର୍ଗ ରାଜ୍ୟରେ ପଚିଶ ହଜାର ଟଙ୍କାରେ ଜମି-ବାଡ଼ି ଓ ଘର-ଦ୍ୱାର; ପଚିଶ ହଜାର ଟଙ୍କାରେ ଯାନ-ବାହନ, ଚାକର-ବାକର; ପଚିଶ ହଜାର ଟଙ୍କାରେ ଖାଦ୍ୟପେୟ, ଲୁଗାପଟା ଓ ବସା-ଉଠା କରିବାର ଆସବାବପତ୍ର ଏବଂ ବାକି ପଚିଶ ହଜାର ଟଙ୍କାରେ ଇଷ୍ଟମିତ୍ର, ଭାଇବନ୍ଧୁ ପ୍ରଭୃତିଙ୍କ ଆତିଥ୍ୟ ପାଇଁ ସାମଗ୍ରୀ ଦିଆଇବାର ବ୍ୟବସ୍ଥା କରିବେ। ଏହି ହ୍ୟାଣ୍ଡ ନୋଟକୁ ସ୍ୱୀକାର କରନ୍ତୁ।" — ପୋପଙ୍କ ସ୍ୱାକ୍ଷର।

ତା'ପରେ ସେ ହ୍ୟାଣ୍ଡନୋଟ୍ ତଳେ ପୋପ୍ ନିଜ ଦସ୍ତଖତ କରି ହ୍ୟାଣ୍ଡନୋଟ୍‌କୁ ସେ ଜମାକାରୀଙ୍କୁ ଦେଇ କହୁଥିଲେ — "ତୁମ ପରିବାର ଲୋକଙ୍କୁ ଆଗରୁ କହିଦେଇଥିବ ଯେ ତୁମ ମୃତ୍ୟୁ ପରେ ଏହି ହ୍ୟାଣ୍ଡନୋଟ୍‌କୁ ବି ତୁମ କବର ଭିତରେ ତୁମ ମୁଣ୍ଡ ନିକଟରେ ରଖିଦେବା ପାଇଁ। ଯେତେବେଳେ ତୁମକୁ ନେବା ପାଇଁ ଦେବଦୂତମାନେ ଆସିବେ ସେତେବେଳେ ତୁମ ସହ ଏ ହ୍ୟାଣ୍ଡନୋଟ୍‌କୁ ମଧ୍ୟ ସ୍ୱର୍ଗକୁ ନେଇଯିବେ ଏବଂ ଏଥିରେ ଲିଖିତ ଥିବା ଅନୁସାରେ ସବୁ ଜିନିଷ ତୁମକୁ ଯୋଗାଇ ଦେବେ।"

ଦେଖନ୍ତୁ ନା, ପୋପ୍ ସତେ ଯେମିତି ସ୍ୱର୍ଗର ଠିକା ନେଇଛନ୍ତି। ଯେ ପର୍ଯ୍ୟନ୍ତ ୟୁରୋପ୍‌ରେ ମୂର୍ଖତାର ସାମ୍ରାଜ୍ୟ ବିଦ୍ୟମାନ ରହିଥିଲା ସେ ପର୍ଯ୍ୟନ୍ତ ସେଠାରେ ପୋପ୍‌ଲୀଳା ଚାଲିଥିଲା। ବର୍ତ୍ତମାନ ବିଦ୍ୟାର ପ୍ରଚାର-ପ୍ରସାର ହେବାରୁ ଏଭଳି ମିଥ୍ୟା ଲୀଳା ଆଉ ବେଶୀ ଚାଲୁନାହିଁ, କିନ୍ତୁ ନିର୍ମୂଳ ବି ହୋଇନାହିଁ।

ସେହିପରି ଆର୍ଯ୍ୟାବର୍ତ୍ତରେ ମଧ୍ୟ ପୋପ୍ ମହାରାଜ ଲକ୍ଷ-ଲକ୍ଷ ଅବତାର ନେଇ ଲୀଳା-ଖେଳା ଚଳାଇଛନ୍ତି। ଅର୍ଥାତ୍ ରାଜା-ପ୍ରଜା ଉଭୟଙ୍କୁ ବିଦ୍ୟା ଅଧ୍ୟୟନ କରିବାକୁ ନ ଦେବା, ଉତ୍ତମ ବ୍ୟକ୍ତିଙ୍କ ସତ୍‌ସଙ୍ଗ କରିବାକୁ ନ ଦେବା, ଦିନ-ରାତି ଓଲଟା ରାସ୍ତାରେ ପ୍ରବର୍ତ୍ତାଇବା ବ୍ୟତୀତ ଆଉ କିଛି କାମ କରୁନାହାନ୍ତି। ଏଠାରେ କହିବା ବାହୁଲ୍ୟ ଯେ **ଯେଉଁମାନେ ବ୍ରାହ୍ମଣ ଓ ସାଧୁ ରୂପରେ ଛଳ-କପଟ ପୂର୍ବକ ପାଖଣ୍ଡ-ଲୀଳା କରନ୍ତି, ସେମାନଙ୍କୁ ହିଁ 'ପୋପ୍' କୁହାଯାଇଥାଏ। ଆଉ ଯେଉଁମାନେ ବାସ୍ତବରେ ଧାର୍ମିକ, ବିଦ୍ୱାନ୍, ପରୋପକାରୀ ଅଟନ୍ତି, ସେମାନେ ଯଥାର୍ଥତଃ ବ୍ରାହ୍ମଣ ଓ ସାଧୁ ଅଟନ୍ତି।** ବର୍ତ୍ତମାନ ଏହି ବ୍ରାହ୍ମଣ ଓ ସାଧୁ ବେଶଧାରୀ ଛଳ-କପଟୀ ସ୍ୱାର୍ଥୀ ଲୋକ(ଲୋକଙ୍କୁ ଠକି ନିଜ ସ୍ୱାର୍ଥ ସାଧନ କରୁଥିବା ଲୋକ)ଙ୍କୁ ହିଁ **'ପୋପ୍'** ଶବ୍ଦରେ ଗ୍ରହଣ କରାଯିବା ଏବଂ ଉତ୍ତମ ବ୍ୟକ୍ତିଙ୍କୁ **'ବ୍ରାହ୍ମଣ'** ଓ **'ସାଧୁ'** ଶବ୍ଦରେ ସ୍ୱୀକାର କରାଯିବା ଉଚିତ।

ଦେଖନ୍ତୁ ! ଆଜି ବ୍ରାହ୍ମଣ ଓ ସାଧୁ ରୂପେ ପରିଚିତ ହେଉଥିବା ଲୋକଙ୍କ ମଧ୍ୟରେ ଯଦି କେହି ମଧ୍ୟ ଉତ୍ତମ ବ୍ରାହ୍ମଣ କି ସାଧୁ ନ ଥାନ୍ତେ, ତେବେ ବେଦାଦି ଶାସ୍ତ୍ରର ସସ୍ୱର ପଠନ-ପାଠନ, ଜୈନ, ଖ୍ରୀଷ୍ଟିଆନ, ମୁସଲମାନ ଆଦିଙ୍କଠାରୁ ବେଦାଦି ଶାସ୍ତ୍ରର ସୁରକ୍ଷା କରି ଆର୍ଯ୍ୟମାନଙ୍କୁ ଏଥିରେ ପ୍ରୀତିଯୁକ୍ତ ଓ ବର୍ଣ୍ଣାଶ୍ରମରେ ରଖିବା, ଏପରି କିଏ କରିପାରନ୍ତା ?

**ବିଷାଦପ୍ୟମୃତଂ ଗ୍ରାହ୍ୟମ୍ ।** (ମନୁ. ୨:୨୩୯)

ବିଷ ମଧ୍ୟରୁ ବି ଅମୃତ ଗ୍ରହଣ କଲା ପରି ପୋପ୍‌ଲୀଳାର ପ୍ରତାରଣା, ଶୋଷଣପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ବି ଆର୍ଯ୍ୟମାନଙ୍କର ଜୈନ ଆଦି ମତ ପ୍ରଭାବରୁ ବଞ୍ଚିରହିବାକୁ ବିଷରେ ଅମୃତ ଭଳି ଗୁଣ ବୋଲି ବୁଝିବା ଉଚିତ ।

ଯେତେବେଳେ ଯଜମାନମାନେ ବିଦ୍ୟାହୀନ ହୋଇପଡ଼ିଲେ ସେତେବେଳେ ସେ ପୋପ୍ ବା ସ୍ୱାର୍ଥୀ, ନାମମାତ୍ର ବ୍ରାହ୍ମଣମାନେ କିଛି-କିଛି ପୂଜା-ପାଠ ଶିଖି, ଅଭିମାନରେ ଗ୍ରସ୍ତ ହୋଇ, ସମସ୍ତେ ମିଶି ସ୍ଥିର କରି ରାଜା ଆଦିଙ୍କୁ କହିଲେ ଯେ — 'ବ୍ରାହ୍ମଣ ଓ ସାଧୁ ଦଣ୍ଡନୀୟ ନୁହନ୍ତି ।' କାରଣ ଶାସ୍ତ୍ରରେ ଉଲ୍ଲେଖ ଅଛି — **'ବ୍ରାହ୍ମଣୋ ନ ହନ୍ତବ୍ୟଃ'** (ମହାଭାଷ୍ୟ. ୧:୨:୬୪)**, 'ସାଧୁର୍ନ ହନ୍ତବ୍ୟଃ ।'** ଏପରି ଯେଉଁସବୁ ବଚନ ପ୍ରକୃତ ବ୍ରାହ୍ମଣ ଓ ଯଥାର୍ଥ ସାଧୁଙ୍କ ସମ୍ପର୍କରେ ଶାସ୍ତ୍ରରେ ଥିଲା, ସେସବୁକୁ ପୋପ୍‌ମାନେ ନିଜ ପ୍ରତି ପ୍ରଯୁଜ୍ୟ କରିଦେଲେ । ତା' ଛଡ଼ା ବହୁତ ମିଥ୍ୟାବାକ୍ୟପୂର୍ଣ୍ଣ ଗ୍ରନ୍ଥମାନ ରଚନା କରି ସେସବୁ ଋଷିମୁନି-ପ୍ରଣୀତ ବୋଲି କହିବାରୁ ଅଜ୍ଞ ଲୋକମାନେ ସେସବୁ ମାନିବାକୁ ଲାଗିଲେ । ସେହି ପ୍ରତିଷ୍ଠିତ ଋଷି-ମୁନିଙ୍କ ନାମରେ ଏମାନେ ଲେଖିଥିବା ସେ ଗ୍ରନ୍ଥଗୁଡ଼ିକରେ ନିଜ ଉପରୁ ଦଣ୍ଡବିଧାନ ବ୍ୟବସ୍ଥା ଉଠାଇ ଦେଲେ । ତା'ପରେ ଯଥେଚ୍ଛାଚାର କରିବାକୁ ଲାଗିଲେ ଅର୍ଥାତ୍ ଅନ୍ୟମାନଙ୍କ ପାଇଁ ଏପରି କଠୋର ନିୟମମାନ ପ୍ରଣୟନ କଲେ ଯେ ସେ ଯେକୌଣସି ଲୋକ ହେଉନା କାହିଁକି ସେ ପୋପ୍‌ମାନଙ୍କ ବିନା ଅନୁମତିରେ ଶୋଇବା, ବସିବା-ଉଠିବା, ଆସିବା-ଯିବା, ଖାଇବା-ପିଇବା ଆଦି ବି କରିପାରିବ ନାହିଁ । ରାଜାମାନଙ୍କୁ ଏପରି ପ୍ରବର୍ତ୍ତାଇ ଦେଲେ ଯେ ବ୍ରାହ୍ମଣ ଓ ସାଧୁ ମାତ୍ରକେ ସେ(ପୋପ୍) ଯାହା କଲେ ମଧ୍ୟ ତାଙ୍କୁ କେବେ ବି ଦଣ୍ଡ ଦେବା ଉଚିତ ନୁହେଁ, ତାଙ୍କୁ ଦଣ୍ଡ ଦେବାର ବିଚାର ମଧ୍ୟ ମନରେ କରିବା ଅନୁଚିତ ।

ଯେତେବେଳେ ଏପରି ମୂର୍ଖତାପୂର୍ଣ୍ଣ ବ୍ୟବସ୍ଥାର ସାମ୍ରାଜ୍ୟ ହୋଇଗଲା, ସେତେବେଳେ ଏ ପୋପ୍‌ମାନଙ୍କର ଯାହା ଇଚ୍ଛା ହେଲା ତାହା କରିବାକୁ ଲାଗିଲେ । **ସମାଜରେ ଏସବୁ ଅଧଃପତନର ମୂଳ ମହାଭାରତ ଯୁଦ୍ଧର ପ୍ରାୟ ଏକ ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଯାଇଥିଲା ।** ଯଦ୍ୟପି ସେ ସମୟରେ ଋଷି-ମୁନିମାନେ ମଧ୍ୟ ଥିଲେ, ତଥାପି ସମାଜରେ ଆଳସ୍ୟ, ପ୍ରମାଦ, ଈର୍ଷ୍ୟା, ଦ୍ୱେଷ ଆଦି କିଛି-କିଛି ଅଙ୍କୁରିତ ହୋଇଥିଲା, ତାହା ବୃଦ୍ଧି ପାଇ-ପାଇ ବୃକ୍ଷରେ ପରିଣତ ହୋଇଗଲା । ଯେତେବେଳେ ସଦୁପଦେଶର ପ୍ରଚାର ରହିଲା ନାହିଁ, ସେତେବେଳେ ଆର୍ଯ୍ୟାବର୍ତ୍ତରେ ଅବିଦ୍ୟା ବ୍ୟାପିଯାଇ ସମସ୍ତେ ପରସ୍ପର ମଧ୍ୟରେ ଲଢ଼ିବାକୁ ଲାଗିଲେ । କାରଣ—

**ଉପଦେଶ୍ୟୋପଦେଷ୍ଟୃତ୍ୱାତ୍ ତତ୍‌ସିଦ୍ଧିଃ ।**
**ଇତରଥାନ୍ଧପରମ୍ପରା ।** (ସାଂଖ୍ୟ. ୩:୭୯,୮୧)

ଉତ୍ତମ-ଉତ୍ତମ ଉପଦେଶକ ଉପଲବ୍ଧ ହେଲେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଚତୁର୍ବର୍ଗ ଉତ୍ତମ ରୂପେ ସିଦ୍ଧ ହୋଇଥାଏ । ପକ୍ଷାନ୍ତରରେ ଉତ୍ତମ ଉପଦେଶକ ଓ ଶ୍ରୋତାର ଅଭାବରେ ଅନ୍ଧପରମ୍ପରା ପ୍ରଚଳିତ ହୁଏ । ପୁଣି ଯେତେବେଳେ ସତ୍‌ପୁରୁଷମାନଙ୍କର ଆବିର୍ଭାବ ହୋଇ ସମାଜରେ ସତ୍ୟୋପଦେଶର ପ୍ରଚାର ଘଟେ, ସେତେବେଳେ ଅନ୍ଧ ପରମ୍ପରାର ବିନାଶ ଘଟି ଜ୍ଞାନାଲୋକର ପରମ୍ପରା ପ୍ରଚଳିତ ହୁଏ ।

ରାଜାମାନଙ୍କୁ କରଗତ କରିସାରିବା ପରେ ସେ ପୋପ୍‌ମାନେ ଜନସାଧାରଣଙ୍କୁ ନିଜର ତଥା ନିଜ ପାଦର ପୂଜା

କରାଇବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ କି ଏଥିରେ ହିଁ ତୁମର କଲ୍ୟାଣ ନିହିତ। ଯେତେବେଳେ ଜନତା ଏମାନଙ୍କ ବଶୀଭୂତ ହୋଇଗଲେ ସେତେବେଳେ ଏମାନେ ପ୍ରମାଦ ଓ ବିଷୟାସକ୍ତିରେ ନିମଗ୍ନ ହୋଇ ଗାଈଆଳ ଭଳି ମିଥ୍ୟା ଗୁରୁ ଓ ମିଥ୍ୟା ଚେଲା ହୋଇ ଫସିଲେ। ବିଦ୍ୟା, ବୁଦ୍ଧି, ବଳ, ପରାକ୍ରମ, ଶୂରବୀରତା ଆଦି ଶୁଭ ଗୁଣ ସବୁ ନଷ୍ଟ ହେବାକୁ ଲାଗିଲା। ତା' ପରେ ଯେତେବେଳେ ବିଷୟାସକ୍ତ ହେଲେ ସେତେବେଳେ ଗୋପନରେ ମାଂସ, ମଦ୍ୟର ସେବନ କରିବାକୁ ଲାଗିଲେ।

## ବାମମାର୍ଗ

ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ଜଣେ **ବାମମାର୍ଗ** ପ୍ରବର୍ତ୍ତନ କଲା। **'ଶିବ ଉବାଚ', 'ପାର୍ବତ୍ୟୁବାଚ', 'ଭୈରବ ଉବାଚ'** ଇତ୍ୟାଦି ଶୀର୍ଷକ ଦେଇ ପୁସ୍ତକ ଲେଖି ସେସବୁକୁ ତନ୍ତ୍ର-ଶାସ୍ତ୍ର ନାମ ଦେଲେ। ସେସବୁରେ ଏପରି କଥାମାନ ଲେଖିଲେ କି —

**ମଦ୍ୟଂ ମାଂସଂ ଚ ମୀନଂ ଚ ମୁଦ୍ରା ମୈଥୁନମେବ ଚ।**
**ଏତେ ପଞ୍ଚ ମକାରାଃ ସ୍ୟୁର୍ମୋକ୍ଷଦା ହି ଯୁଗେ ଯୁଗେ ॥ ୧ ॥**

(ମହାନିର୍ବାଣ ତନ୍ତ୍ର. ୧:୫୭, ୫:୨୨, କାଳୀତନ୍ତ୍ର)

**ପ୍ରବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣା ଦ୍ୱିଜାତୟଃ।**
**ନିବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣାଃ ପୃଥକ୍ ପୃଥକ୍ ॥ ୨ ॥** (କୁଲାର୍ଣ୍ଣବ ତନ୍ତ୍ର. ୮:୯୬)
**ପୀତ୍ୱା ପୀତ୍ୱା ପୁନଃ ପୀତ୍ୱା ଯାବତ୍ପତତି ଭୂତଲେ।**
**ପୁନରୁତ୍ଥାୟ ବୈ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥ ୩ ॥** (କୁଲାର୍ଣ୍ଣବ ତନ୍ତ୍ର. ୭:୧୦୦)
**ମାତୃଯୋନିଂ ପରିତ୍ୟଜ୍ୟ ବିହରେତ୍ ସର୍ବଯୋନିଷୁ ॥ ୪ ॥**
**ବେଦଶାସ୍ତ୍ରପୁରାଣାନି ସାମାନ୍ୟଗଣିକା ଇବ।**
**ଏକୈବ ଶାମ୍ଭବୀ ମୁଦ୍ରା ଗୁପ୍ତା କୁଲବଧୂରିବ ॥ ୫ ॥**

(ଜ୍ଞାନସଂକଳନୀ ତନ୍ତ୍ର, ହଠଯୋଗ ପ୍ରଦୀପିକା ଉପଦେଶ. ୪:୩୫)

ଦେଖନ୍ତୁ ଏ ଗଜମୂର୍ଖ ପୋପ୍‌ମାନଙ୍କ ଲୀଳା ଯେ ଏ ବାମମାର୍ଗୀମାନେ ବେଦବିରୁଦ୍ଧ ମହା ଅଧର୍ମ କାମକୁ ଶ୍ରେଷ୍ଠ କାର୍ଯ୍ୟ ବୋଲି ମାନିଛନ୍ତି। ମଦ୍ୟ, ମାଂସ, ମୀନ, ମୁଦ୍ରା ଅର୍ଥାତ୍ ପୁରି, କଚୁଡ଼ି, ବଡ଼ା, ରୁଟି ଆଦି ଚର୍ବଣ; ଯୋନି ଅର୍ଥାତ୍ ପାତ୍ରାଧାର ମୁଦ୍ରା ଏବଂ ପଞ୍ଚମ ହେଲା ମୈଥୁନ ଅର୍ଥାତ୍ ସମସ୍ତ ପୁରୁଷଙ୍କୁ ଶିବ ଓ ସମସ୍ତ ସ୍ତ୍ରୀଙ୍କୁ ପାର୍ବତୀ ମନେକରି ଯେ କେହି ପୁରୁଷ ଯେକୌଣସି ସ୍ତ୍ରୀ ସହ ସମାଗମ କରିବା। ଏମାନଙ୍କ ବିଚାର ହେଲା —

**ଅହଂ ଭୈରବସ୍ତ୍ୱଂ ଭୈରବୀ ହ୍ୟାବୟୋରସ୍ତୁ ସଙ୍ଗମଃ।** (କୁଲାର୍ଣ୍ଣବ. ୮:୯୭,୧୦୨)

ଏହି ବୁଦ୍ଧିହୀନ ବାକ୍ୟ ପଢ଼ି ଯେ କୌଣସି ପୁରୁଷ ବା ସ୍ତ୍ରୀ ହେଉନା କାହିଁକି ତା' ସହ ସମାଗମ କରିବାକୁ ବାମମାର୍ଗୀମାନେ ଦୋଷାବହ ବୋଲି ବିଚାର କରନ୍ତି ନାହିଁ। ଯେଉଁ ଅପବିତ୍ର ସ୍ଥିତିର ସ୍ତ୍ରୀକୁ ସ୍ପର୍ଶ ହିଁ କରିବା ଅନୁଚିତ, ସେମାନଙ୍କୁ ଏମାନେ ଅତି ପବିତ୍ର ବୋଲି ମାନିଛନ୍ତି। ଉଦାହରଣ ସ୍ୱରୂପ — ରଜସ୍ୱଳା ଆଦି ସ୍ତ୍ରୀମାନଙ୍କୁ ସ୍ପର୍ଶ କରିବା ଶାସ୍ତ୍ରରେ ନିଷେଧ କରାଯାଇଛି; କିନ୍ତୁ ବାମମାର୍ଗୀମାନେ ସେମାନଙ୍କୁ ଅତି ପବିତ୍ର ବୋଲି ମାନିଛନ୍ତି। ଦେଖନ୍ତୁ ଏମାନଙ୍କ ବିଚିତ୍ର ଶ୍ଳୋକକୁ —

**ରଜସ୍ୱଳା ପୁଷ୍କରଂ ତୀର୍ଥଂ ଚଣ୍ଡାଲୀ ତୁ ସ୍ୱୟଂ କାଶୀ ଚର୍ମକାରୀ ପ୍ରୟାଗଃ ସ୍ୟାଦ୍ରଜକୀ**

ମଥୁରା ମତା ।

**ଅୟୋଧ୍ୟା ପୁକ୍‌କସୀ ପ୍ରୋକ୍ତା ॥** ଇତ୍ୟାଦି । (ରୁଦ୍ରଯାମଳ ତନ୍ତ୍ର)

ରଜସ୍ୱଳା ସ୍ତ୍ରୀ ସହ ସମାଗମ କରିବା ପୁଷ୍କର ସ୍ନାନ ସମ, ଚଣ୍ଡାଳୀ ସହ ସମାଗମ କାଶୀ ଯାତ୍ରା ତୁଲ୍ୟ, ଚମାରୁଣୀ ସଙ୍ଗେ ସମାଗମ କରିବା ପ୍ରୟାଗ ସ୍ନାନ ସହ ସମାନ, ଧୋବଣୀ ସହ ସହବାସ ମଥୁରା ଯାତ୍ରା ଭଳି ଏବଂ ପତିତା ସ୍ତ୍ରୀ ସମାଗମ ଅଯୋଧ୍ୟା ତୀର୍ଥ ସଙ୍ଗେ ସମାନ । ବାମମାର୍ଗୀମାନେ ମଦ୍ୟର ନାମ ରଖିଛନ୍ତି 'ତୀର୍ଥ', ମାଂସର ନାମ 'ଶୁଦ୍ଧି' ଓ 'ପୁଷ୍ପ', ମୀନର ନାମ 'ତୃତୀୟା' ଓ 'ଜଳତୁମ୍ବିକା', ମୁଦ୍ରାର ନାମ 'ଚତୁର୍ଥୀ' ଏବଂ ମୈଥୁନର ନାମ 'ପଞ୍ଚମୀ' । ଏପରି ନାମ ଏଥିପାଇଁ ଦେଇଛନ୍ତି ଯଦ୍ଦ୍ୱାରା କି ଅନ୍ୟମାନେ ବୁଝିପାରିବେ ନାହିଁ । ବାମମାର୍ଗୀମାନେ ନିଜକୁ କୌଳ, ଆର୍ଦ୍ର, ବୀର, ଶାମ୍ଭବ ଓ ଗଣ ଆଦି ନାମରେ ଅଭିହିତ କରିଥିବା ବେଳେ ବାମମାର୍ଗୀ ମତରେ ନ ଥିବା ଲୋକଙ୍କୁ 'କଣ୍ଟକ', 'ବିମୁଖ' ଓ 'ଶୁଷ୍କପଶୁ' ନାମରେ ନାମିତ କରିଛନ୍ତି ॥ ୧ ॥

ସେମାନେ କହନ୍ତି ଯେ ଭୈରବୀଚକ୍ର ପ୍ରବୃତ୍ତ ଥିବା ଅର୍ଥାତ୍ ବାମମାର୍ଗୀ ମେଳାରେ ଥିବା ପର୍ଯ୍ୟନ୍ତ ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେ ଦ୍ୱିଜ ହୋଇଯାନ୍ତି ଏବଂ ଭୈରବୀଚକ୍ରରୁ ବାହାର ହୋଇଗଲା ପରେ ସମସ୍ତେ ପୁଣି ନିଜନିଜ ବର୍ଣ୍ଣର ଅନ୍ତର୍ଗତ ହୁଅନ୍ତି ॥ ୨ ॥

ଭୈରବୀଚକ୍ରରେ ବାମମାର୍ଗୀମାନେ ଭୂମି ବା କୌଣସି ଏକ ପଟା ଉପରେ ଏକ ବିନ୍ଦୁ, ତ୍ରିଭୁଜ, ଚତୁର୍ଭୁଜ ବା ଗୋଲାକାର ଚିତ୍ର କରି ତା' ଉପରେ ମଦ୍ୟର ହାଣ୍ଡି ରଖି ତାକୁ ପୂଜା କରନ୍ତି । ତା' ପରେ ମନ୍ତ୍ର ପଢ଼ନ୍ତି — **'ବ୍ରହ୍ମଶାପଂ ବିମୋଚଥ'—** ହେ ମଦ୍ୟ ! ତୁ ବ୍ରହ୍ମା ପ୍ରଭୃତିଙ୍କ ଶାପରୁ ମୁକ୍ତ ହୁଅ । ଏକ ଗୁପ୍ତସ୍ଥାନରେ, ଯେଉଁଠିକୁ ବାମମାର୍ଗୀମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଆସିବାକୁ ଦିଅନ୍ତି ନାହିଁ, ସେଠାରେ ପୁରୁଷ, ସ୍ତ୍ରୀ ସମସ୍ତେ ଏକତ୍ରିତ ହୁଅନ୍ତି । ପୁରୁଷମାନେ କୌଣସି ଏକ ସ୍ତ୍ରୀକୁ ଉଲଗ୍ନ କରି ପୂଜା କରନ୍ତି ଓ ସ୍ତ୍ରୀମାନେ କୌଣସି ଜଣେ ପୁରୁଷକୁ ଉଲଗ୍ନ କରି ପୂଜା କରନ୍ତି । ତା'ପରେ କେହି ବ୍ୟକ୍ତି ନିଜ ସ୍ତ୍ରୀ କିମ୍ବା ଅନ୍ୟର ସ୍ତ୍ରୀ, ନିଜ ଝିଅ କି ଅନ୍ୟର ଝିଅ, ଅନ୍ୟର ମାଆ-ଭଉଣୀ-ବୋହୂ ଅଥବା ନିଜର ମାଆ-ଭଉଣୀ-ବୋହୂ ଆଦିଙ୍କ ସହ ସମ୍ପର୍କ କରିପାରେ । ତା'ପରେ ଗୋଟିଏ ପାତ୍ରରେ ମଦ୍ୟ ଭରି ଏବଂ ଅନ୍ୟ ପାତ୍ରମାନଙ୍କରେ ମାଂସ, ବଡ଼ା ଆଦି ରଖନ୍ତି । ସେମାନଙ୍କର ଯିଏ ଆଚାର୍ଯ୍ୟ ସିଏ ସେହି ମଦ୍ୟ ପାତ୍ରକୁ ହାତରେ ଧରି **'ଭୈରବୋଽହମ୍', 'ଶିବୋଽହମ୍' —** 'ମୁଁ ଭୈରବ' ବା 'ମୁଁ ଶିବ' ବୋଲି କହି ପିଇଥାଏ । ତା' ପରେ ସେହି ଅଇଁଠା ପାତ୍ରରୁ ସମସ୍ତେ ମଦ୍ୟ ପିଇଥାନ୍ତି । ଆଉ ଯେତେବେଳେ କାହାର ସ୍ତ୍ରୀ ବା ବେଶ୍ୟାକୁ ଉଲଗ୍ନ କରି କିମ୍ବା କୌଣସି ପୁରୁଷକୁ ଉଲଗ୍ନ କରି ସେମାନଙ୍କ ହାତରେ ତରବାରୀ ଧରାଇ ସେହି ସ୍ତ୍ରୀକୁ ଦେବୀ ଓ ପୁରୁଷକୁ ମହାଦେବ ବୋଲି କହନ୍ତି, ସେ ଉଭୟଙ୍କ ଉପସ୍ଥ ଇନ୍ଦ୍ରିୟକୁ ପୂଜା କରନ୍ତି, ସେତେବେଳେ ସେହି ଦେବୀ ଓ ଶିବଙ୍କୁ ମଦ ପିଆଇ, ସେହି ଅଇଁଠା ପାତ୍ରରେ ସମସ୍ତେ ଗିଲାସେ-ଗିଲାସେ ପିଅନ୍ତି । ଏହି କ୍ରମରେ ବାରମ୍ବାର ମଦ ପିଇ-ପିଇ ଉନ୍ମତ୍ତ ହୋଇପଡ଼ନ୍ତି । ତା'ପରେ ମାଆ, ଭଉଣୀ, ଝିଅ, ବୋହୂ ନିର୍ବିଶେଷରେ ଯିଏ ଯାହା ସହ ଇଚ୍ଛା ତାହା ସହ କୁକର୍ମ କରନ୍ତି । କେବେ-କେବେ ଅତ୍ୟଧିକ ନିଶା ଚଢ଼ିଗଲେ ନିଜ-ନିଜ ଭିତରେ ଲାତ, ଗୋଇଠା, ବିଧା, ମୁଥ ମରାମରି, ଚୁଟି ଧରି ଘୋଷଡ଼ା-ଘୋଷଡ଼ି ହୁଅନ୍ତି । ନିଶା ପ୍ରଭାବରୁ ସେଠାରେ କାହାର-କାହାର ବାନ୍ତି ହୋଇଯାଏ । ସେମାନଙ୍କ ମଧ୍ୟରୁ ଯିଏ **'ଅଘୋରୀ'** ଅର୍ଥାତ୍ ବାମମାର୍ଗ ମତରେ ଉଚ୍ଚ ସ୍ତରର ସାଧକ, ସିଦ୍ଧ ରୂପେ ପରିଗଣିତ, ସେ ସେହି ବାନ୍ତିଗୁଡ଼ିକୁ ବି ଖାଇଯାଏ । ଅର୍ଥାତ୍ ଏ ବାମମାର୍ଗୀଙ୍କ ସବୁଠୁ ବଡ଼ ସିଦ୍ଧଙ୍କର ଲକ୍ଷଣ ହେଲା —

**ହାଲାଂ ପିବତି ଦୀକ୍ଷିତସ୍ୟ ମନ୍ଦିରେ, ସୁପ୍ତୋ ନିଶାୟାଂ ଗଣିକାଗୃହେଷୁ ।**

**ବିରାଜତେ କୌଳବଚକ୍ରବର୍ତ୍ତୀ ।।** (କୁଳାର୍ଣ୍ଣବ ତନ୍ତ୍ର. ଉଲ୍ଲାସ ୯)

ଯିଏ 'ଦୀକ୍ଷିତ' ଅର୍ଥାତ୍ ଶୁଣ୍ଢୀ ଘରକୁ ଯାଇ ବୋତଲ ପରେ ବୋତଲ ମଦ ପିଏ, ରାତିରେ ବେଶ୍ୟାଘରକୁ ଯାଇ ତା' ସହ କୁକର୍ମ କରି ଶୟନ କରେ, ଇତ୍ୟାଦି କର୍ମ ଯିଏ ନିର୍ଲଜ, ନିଃଶଙ୍କ ଭାବରେ କରେ, ସିଏ ବାମମାର୍ଗୀଙ୍କ ମଧ୍ୟରେ ସର୍ବୋପରି ମୁଖ୍ୟ ଚକ୍ରବର୍ତ୍ତୀ ରାଜାଙ୍କ ସମାନ ପୂଜ୍ୟ ହୋଇଥାଏ। ଅର୍ଥାତ୍ ଯିଏ ବଡ଼ କୁକର୍ମୀ ସିଏ ବାମମାର୍ଗୀଙ୍କ ମଧ୍ୟରେ ବଡ଼, ଯିଏ ମନ୍ଦ କାମକୁ ଭୟ କରେ ଓ ଭଲ କାମ କରେ ସିଏ ଛୋଟ। କାରଣ —

**ପାଶବଦ୍ଧୋ ଭବେଜ୍ଜୀବଃ ପାଶମୁକ୍ତଃ ସଦାଶିବଃ ।।** (ଜ୍ଞାନସଂକଳନୀ ତନ୍ତ୍ର. ୪୩)

ତନ୍ତ୍ରଗ୍ରନ୍ଥରେ କୁହାଯାଇଛି କି ଯିଏ ଲୋକଲଜ୍ଜା, ଶାସ୍ତ୍ରଲଜ୍ଜା, କୁଳଲଜ୍ଜା, ଦେଶଲଜ୍ଜା ଆଦି ପାଶରେ ଆବଦ୍ଧ ସିଏ 'ଜୀବ'; କିନ୍ତୁ ଯିଏ ନିର୍ଲଜ ହୋଇ ଖରାପ କାମ କରେ ସିଏ 'ସଦାଶିବ' ।। ୨ ।।

**'ଉଡ୍ଡୀସ ତନ୍ତ୍ର'** ଆଦିରେ ଏକ ବିଧାନ ଉଲ୍ଲେଖ କରାଯାଇଛି। ଗୋଟିଏ ଗୃହର ଚତୁର୍ଦ୍ଦିଗରେ କୋଠରୀ ଥିବ। ସେସବୁ କକ୍ଷରେ ମଦ ବୋତଲ ଭରି ରଖିଦେବ। ଗୋଟିଏ ପ୍ରକୋଷ୍ଠରୁ ଗୋଟିଏ ବୋତଲ ମଦ ପିଇ ଦ୍ୱିତୀୟ କୋଠରୀକୁ ଯିବ। ଦ୍ୱିତୀୟରୁ ମଦ ପିଇ ତୃତୀୟକୁ ଯାଇ ପିଇବ ଓ ତା'ପରେ ଚତୁର୍ଥ କକ୍ଷକୁ ଯାଇ ପିଇବ। ଏପରି ଠିଆ-ଠିଆ ସେ ପର୍ଯ୍ୟନ୍ତ ପିଇ ଚାଲିଥିବ ଯେତେବେଳ ଯାଏ କାଠଟିଏ ପରି ତଳେ ନ ପଡ଼ିଛି। ନିଶା ଟିକିଏ ଛାଡ଼ିଗଲେ ପୁଣି ସେହି କ୍ରମରେ ପିଇ-ପିଇ ପଡ଼ିଯିବ। ଫେରେ ତୃତୀୟ ଥର ସେହି ଭଳି ପିଇ ପଡ଼ିଯିବ। ତା'ପରେ ଉଠିଲେ ତା'ର ଆଉ ପୁନର୍ଜନ୍ମ ହୁଏ ନାହିଁ। **ଏ ବିଷୟରେ ସତ କଥା ତ ହେଲା ଯେ ଏପରି ବ୍ୟକ୍ତି ପୁନର୍ବାର ମନୁଷ୍ୟ ଜନ୍ମ ପାଇବା ଅତୀବ କଷ୍ଟକର, ନୀଚ ଯୋନିରେ ବହୁକାଳ ପର୍ଯ୍ୟନ୍ତ ପଡ଼ି ରହିବ ।। ୩ ।।**

ବାମମାର୍ଗୀଙ୍କ ତନ୍ତ୍ରଗ୍ରନ୍ଥରେ ଏପରି ନିୟମ ଅଛି ଯେ, କେବଳ ମାଆଙ୍କ ବ୍ୟତୀତ ଅନ୍ୟ କୌଣସି ନାରୀ ତ୍ୟାଜ୍ୟ ନୁହେଁ। ଅର୍ଥାତ୍ ଇଚ୍ଛା ହେଲେ ସେ ଝିଅ କି ଭଉଣୀ ଆଦି ଯିଏ ବି ହେଉ ସମସ୍ତଙ୍କ ସହ ସମାଗମ କରାଯାଇପାରେ। ବାମମାର୍ଗୀଙ୍କର 'ଦଶ ମହାବିଦ୍ୟା' ପ୍ରସିଦ୍ଧ। ସେ ଭିତରୁ ଗୋଟିଏ ହେଲା ମାତଙ୍ଗୀ। ମାତଙ୍ଗୀ ସାଧନା କରୁଥିବା ଲୋକର କଥନ ହେଲା — **'ମାତରମପି ନ ତ୍ୟଜେତ୍'** — ମାଆକୁ ମଧ୍ୟ ସମାଗମ ନକରି ଛାଡ଼ିବା ଉଚିତ ନୁହେଁ। ସ୍ତ୍ରୀ-ପୁରୁଷ ସମାଗମ ସମୟରେ ଏମାନେ ମନ୍ତ୍ର ଜପନ୍ତି ଏଇ ଭାବନାରେ ଯେ ଏହାଦ୍ୱାରା ଆମକୁ ସିଦ୍ଧି ପ୍ରାପ୍ତ ହୋଇଯିବ। ଏପରି ପାଗଳ ବ୍ୟକ୍ତି ଦୁନିଆରେ ବିରଳ ଥିବେ ।। ୪ ।।

**ଯେଉଁ ବ୍ୟକ୍ତି ମିଥ୍ୟା କଥାକୁ ଚଲେଇବାକୁ ଚାହେଁ, ସେ ସତ୍ୟର ନିନ୍ଦା ଅବଶ୍ୟ କରିଥାଏ।** ଦେଖନ୍ତୁ, ଏ ବାମମାର୍ଗୀମାନେ କ'ଣ କହନ୍ତି ? — 'ବେଦଶାସ୍ତ୍ର ଓ ପୁରାଣ ଏସବୁ ସାମାନ୍ୟ ବେଶ୍ୟା ଭଳି; କିନ୍ତୁ ବାମମାର୍ଗୀଙ୍କର ଯେଉଁ 'ଶାମ୍ଭବୀ' ମୁଦ୍ରା ଅଛି, ତାହା ଅବଗୁଣ୍ଠନବତୀ କୁଳବଧୂ ସଦୃଶ' ।। ୫ ।।

ଏଇଥିପାଇଁ ଏମାନେ ସର୍ବଥା ବେଦବିରୁଦ୍ଧ ମତ ପ୍ରବର୍ତ୍ତନ କଲେ। ଧୀରେ-ଧୀରେ ଏ ମତ ସଂସାରରେ ବହୁତ ବିସ୍ତାର ଲାଭ କଲା। ତା' ପରେ ଧୂର୍ତ୍ତତା ପୂର୍ବକ ବେଦ ନାମରେ ମଧ୍ୟ ବାମମାର୍ଗର ଲୀଳା କିଛି-କିଛି ଚଲେଇଲେ। ଯଥା —

**ସୌତ୍ରାମଣ୍ୟାଂ ସୁରାଂ ପିବେତ୍ ।। ୧ ।।** (ଶତପଥ. ୧୨:୩:୫:୨)

**ପ୍ରୋକ୍ଷିତଂ ଭକ୍ଷୟେନ୍ମାଂସମ୍ ।। ୨ ।।** (ମନୁ. ୫:୨୭)

**ବୈଦିକୀ ହିଂସା ହିଂସା ନ ଭବତି ।। ୩ ।।**

**ନ ମାଂସଭକ୍ଷଣେ ଦୋଷୋ ନ ମଦ୍ୟେ ନ ଚ ମୈଥୁନେ।**

**ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ॥ ୪ ॥** (ମନୁ. ୫:୫୬)

'ସୌତ୍ରାମଣୀ' ଯଜ୍ଞରେ ମଦ ପିଇବେ। ଏହାର ବାସ୍ତବିକ ଅର୍ଥ ହେଲା ଯେ 'ସୌତ୍ରାମଣୀ' ଯଜ୍ଞରେ 'ସୋମରସ' ଅର୍ଥାତ୍ ସୋମଲତାର ରସ ପାନ କରିବା ବିଧେୟ ॥ ୧ ॥

'ପ୍ରୋକ୍ଷିତ' ଅର୍ଥାତ୍ ଯଜ୍ଞରେ ମାଂସ ଭକ୍ଷଣ ଦୋଷାବହ ନୁହେଁ - ଏପରି ପାମର-ପଣିଆ କଥା ବାମମାର୍ଗୀମାନେ ପ୍ରଚଳନ କରିଛନ୍ତି ॥ ୨ ॥

ବାମମାର୍ଗୀମାନଙ୍କୁ ପ୍ରଶ୍ନ କରିବା ଉଚିତ କି ବୈଦିକୀ ହିଂସା, ଅର୍ଥାତ୍ ଯଜ୍ଞରେ ପ୍ରାଣୀବଧ କରିବା ଯଦି ହିଂସା ନୁହେଁ, ତେବେ ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ହତ୍ୟା କରି ହୋମ କଲେ ଅସୁବିଧା କ'ଣ? ॥ ୩ ॥

ମାଂସଭକ୍ଷଣ, ମଦ୍ୟପାନ, ପରସ୍ତ୍ରୀଗମନ ଆଦିରେ ଦୋଷ ନାହିଁ ବୋଲି କହିବା ପିଲାଳିଆ କଥା। କାରଣ ପ୍ରାଣୀମାନଙ୍କୁ ହତ୍ୟା ନ କଲେ, ଦୁଃଖ ନ ଦେଲେ ମାଂସ ମିଳିବା ସମ୍ଭବପର ନୁହେଁ; ଏବଂ ବିନା ଅପରାଧରେ କୌଣସି ପ୍ରାଣୀକୁ ପୀଡ଼ା ଦେବା ଧର୍ମସମ୍ମତ କାର୍ଯ୍ୟ ନୁହେଁ। ମଦ୍ୟପାନ ତ ସର୍ବଥା ନିଷିଦ୍ଧ। କାରଣ ବାମମାର୍ଗୀଙ୍କ ଗ୍ରନ୍ଥ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥରେ ଏହାର ବିଧାନ ନାହିଁ, ବରଂ ସର୍ବତ୍ର ନିଷେଧ ଅଛି। ତା' ଛଡ଼ା ବିନା ବିବାହରେ ମୈଥୁନ ମଧ୍ୟ ଦୋଷାବହ ଅଟେ। ଏହାକୁ ନିର୍ଦ୍ଦୋଷ ବୋଲି କହିବା ହିଁ ମହାଦୋଷ ॥ ୪ ॥

## ଅଶ୍ୱମେଧ - ଗୋମେଧ ଆଦିର ଅର୍ଥ

ବାମମାର୍ଗୀମାନେ ଏପରି ବଚନଗୁଡ଼ିକ ଋଷିମାନଙ୍କ ଗ୍ରନ୍ଥରେ ମଧ୍ୟ ପ୍ରକ୍ଷେପ କରି, ବହୁ ଋଷିମୁନିଙ୍କ ନାମରେ ନିଜେ ଜାଲ୍ ଗ୍ରନ୍ଥ ଲେଖି **'ଗୋମେଧ', 'ଅଶ୍ୱମେଧ'** ଯଜ୍ଞ ନାମରେ ଏ ପଶୁମାନଙ୍କୁ ମାରି ଯଜ୍ଞ କରାଇବାକୁ ଲାଗିଲେ। ଏ ପଶୁମାନଙ୍କୁ ମାରି ସେ ମାଂସରେ ହୋମ କଲେ ଯଜମାନ ଓ ସେହି ପଶୁ ସ୍ୱର୍ଗକୁ ଯାଆନ୍ତି ବୋଲି ପ୍ରଚାର କଲେ। ଏକଥା ସତ୍ୟ ଯେ ବ୍ରାହ୍ମଣ ଗ୍ରନ୍ଥରେ **ଅଶ୍ୱମେଧ, ଗୋମେଧ, ନରମେଧ** ଆଦି ଶବ୍ଦ ବିଦ୍ୟମାନ; କିନ୍ତୁ ସେସବୁର ଯଥାର୍ଥ ଅର୍ଥ ଏମାନଙ୍କୁ ଜଣାନଥିଲା। ଯଦି ଜାଣିଥାନ୍ତେ ଏଭଳି ଅର୍ଥ କାହିଁକି କରିଥାନ୍ତେ?

**ପ୍ରଶ୍ନ —** ଅଶ୍ୱମେଧ, ଗୋମେଧ, ନରମେଧ ଆଦିର ପ୍ରକୃତ ଅର୍ଥ କ'ଣ?

**ଉତ୍ତର —** ଏସବୁର ଅର୍ଥ ହେଲା —

**ରାଷ୍ଟ୍ରଂ ବା ଅଶ୍ୱମେଧଃ।** (ଶତପଥ. ୧୩:୧:୬:୩)

**ଅଗ୍ନିର୍ବା ଅଶ୍ୱଃ।** (ଶତପଥ. ୩:୬:୨:୫)

**ଆଜ୍ୟଂ ମେଧଃ।** (ତୁଳନା - ଶତ. ୧୩:୨:୧୧:୨)

**ଅନ୍ନଂ ହି ଗୌଃ।** (ଶତପଥ. ୪:୩:୧:୨୫)

**ଘୋଡ଼ା, ଗାଈ ପ୍ରଭୃତି ପଶୁଙ୍କୁ କିମ୍ବା ମନୁଷ୍ୟକୁ ମାରି ହୋମ କରିବା କଥା କୌଣସି ବୈଦିକ ସାହିତ୍ୟରେ ଉଲ୍ଲେଖ ନାହିଁ। ବାମମାର୍ଗୀମାନେ ହିଁ ଏସବୁର ପ୍ରଚଳନ କରିଛନ୍ତି ଏବଂ କେବଳ ବାମମାର୍ଗୀଙ୍କ ପୁସ୍ତକରେ ଏଭଳି ଅନର୍ଥ କର୍ମର ଉଲ୍ଲେଖ ଅଛି। ଅନ୍ୟ ଗ୍ରନ୍ଥମାନଙ୍କରେ ଯେଉଁଠି-ଯେଉଁଠି ଏଭଳି ଲେଖା ଦେଖିବାକୁ ମିଳେ, ସେସବୁ ମଧ୍ୟ ବାମମାର୍ଗୀମାନେ ହିଁ ପ୍ରକ୍ଷେପ କରିଛନ୍ତି।** ଉପରୋକ୍ତ ବାକ୍ୟଗୁଡ଼ିକର ବାସ୍ତବିକ ଅର୍ଥ ହେଲା — ରାଜା ନ୍ୟାୟ ମାର୍ଗରେ ପ୍ରଜାପାଳନ କରିବା, ବିଦ୍ୟାର ପ୍ରସାର କରିବା, ଏବଂ ଜଳ-ବାୟୁ ଶୁଦ୍ଧି ଦ୍ୱାରା ସଂସାରର କଲ୍ୟାଣ ପାଇଁ ଅଗ୍ନିରେ ଘୃତାହୁତି ଦେଇ ହୋମ କରିବାର ନାମ ହେଉଛି **'ଅଶ୍ୱମେଧ'**। ଅନ୍ନକୁ ପବିତ୍ର ରଖିବା, ଇନ୍ଦ୍ରିୟମାନଙ୍କୁ ଦମନ କରିବା, ସୂର୍ଯ୍ୟକିରଣର ସଦ୍‌ବ୍ୟବହାର କରିବା, ପୃଥିବୀ ଆଦି ପଦାର୍ଥକୁ ପବିତ୍ର ରଖିବା -

ଏସବୁ ହେଲା **'ଗୋମେଧ'**। ମନୁଷ୍ୟର ମୃତ୍ୟୁ ପରେ ସେହି ମୃତଶରୀରକୁ ବିଧିପୂର୍ବକ ଦାହ କରିବାକୁ **'ନରମେଧ'** କୁହାଯାଏ।

**ପ୍ରଶ୍ନ —** ଯଜ୍ଞକର୍ତ୍ତାମାନେ କହନ୍ତି କି ପଶୁବଧ କରି ଯଜ୍ଞ କଲେ ଯଜମାନ ଓ ମରାଯାଉଥିବା ପଶୁ ଉଭୟେ ସ୍ୱର୍ଗଗାମୀ ହୁଅନ୍ତି; ଏବଂ ଦ୍ୱିତୀୟ କଥା ହେଲା ଯେ ହୋମ କରି ପୁଣି ମୃତ ପଶୁକୁ ଜୀବିତ କରିଦିଅନ୍ତି। ଏକଥା ସତ ନା ନାହିଁ?

**ଉତ୍ତର —** ନା, ଏକଥା ସତ ନୁହେଁ। ଯଦି ପଶୁକୁ ମାରି ଯଜ୍ଞ କଲେ ସେ ମୃତ ପଶୁ ସ୍ୱର୍ଗଗାମୀ ହୁଏ, ତେବେ ଏପରି କହୁଥିବା ଲୋକକୁ ପ୍ରଥମେ ମାରି ଯଜ୍ଞରେ ଆହୁତି ଦେଇ ସ୍ୱର୍ଗରେ ପହଞ୍ଚାଇ ଦେବା ଉଚିତ। ତା' ଛଡ଼ା ଏପରି କହୁଥିବା ଲୋକେ ନିଜର ପ୍ରିୟ ପରିଜନ ମାତା, ପିତା, ସ୍ତ୍ରୀ, ସନ୍ତାନ ଆଦିଙ୍କୁ ମାରି ଯଜ୍ଞରେ ଆହୁତି ଦେଇ ସ୍ୱର୍ଗକୁ କାହିଁକି ପଠାଉନାହାନ୍ତି? ଅଥବା ଏମାନଙ୍କୁ ଯଜ୍ଞବେଦୀରେ ମାରି ଯଜ୍ଞ କରି ପୁନଃ କାହିଁକି ଜୀବନ୍ୟାସ ଦେଉନାହାନ୍ତି?

**ପ୍ରଶ୍ନ —** ଯେତେବେଳେ ଏସବୁ ଯଜ୍ଞ କରନ୍ତି ସେତେବେଳେ ତ ବେଦମନ୍ତ୍ର ପଢ଼ନ୍ତି। ଯଦି ବେଦରେ ଏଭଳି ଯଜ୍ଞବିଧି ନ ଥାନ୍ତା, ତେବେ ଏ ଯଜ୍ଞ କଲାବେଳେ ବେଦମନ୍ତ୍ର କେମିତି ପଢ଼ିଥାନ୍ତେ?

**ଉତ୍ତର —** ମନ୍ତ୍ର କାହାକୁ କୌଣସି ସ୍ଥାନରେ ପଢ଼ିବାରୁ ଅଟକାଏ ନାହିଁ, କାରଣ ଏହା ହେଉଛି ଶବ୍ଦ। କିନ୍ତୁ **ପଶୁ ମାରି ଯଜ୍ଞକରିବା ସମୟରେ ବୋଲାଯାଉଥିବା ମନ୍ତ୍ରର ଅର୍ଥ 'ପଶୁକୁ ମାରି ହୋମ କରିବା' କଦାପି ନୁହେଁ।** ଯଥା — **'ଅଗ୍ନୟେ ସ୍ୱାହା'** (ଗୋଭିଲ. ଗୃ.ସୂ. ୧:୮:୨୪) ଇତ୍ୟାଦି ମନ୍ତ୍ରର ଅର୍ଥ — 'ଅଗ୍ନିରେ ହବି, ପୁଷ୍ଟି ଆଦି କାରକ ଘୃତାଦି ଉତ୍ତମ ପଦାର୍ଥ ଦ୍ୱାରା ହୋମ କଲେ ବାୟୁ, ବୃଷ୍ଟି, ଜଳ ଶୁଦ୍ଧ ହୋଇ ଏସବୁ ଜଗତ ପାଇଁ ସୁଖଦାୟକ ହୋଇଥାନ୍ତି।' କିନ୍ତୁ ସେ ମୂଢ଼ମାନେ ଏ ଯଥାର୍ଥ ଅର୍ଥକୁ ବୁଝୁନଥିଲେ। କାରଣ **ଯେଉଁମାନେ ସ୍ୱାର୍ଥପରାୟଣ, ସେମାନେ ନିଜ ସ୍ୱାର୍ଥ ସାଧନ ବ୍ୟତୀତ ଅନ୍ୟ କିଛି ବି ଜାଣନ୍ତି ନାହିଁ କି ମାନନ୍ତି ନାହିଁ।**

## ବୌଦ୍ଧ-ଜୈନ ମତ

ଯେତେବେଳେ ଏ ବାମମାର୍ଗୀଙ୍କର ଏପରି ଅନାଚାର ଦେଖାଗଲା ଏବଂ ଦ୍ୱିତୀୟରେ ମୃତକମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ ଆଦି କରିବା ଦେଖାଗଲା ସେତେବେଳେ ମହାଭୟଙ୍କର, ବେଦାଦି ଶାସ୍ତ୍ରନିନ୍ଦକ ବୌଦ୍ଧ-ଜୈନ ମତ ପ୍ରଚଳିତ ହେଲା। କିମ୍ବଦନ୍ତୀ ଶୁଣାଯାଏ ଯେ ଗୋରଖପୁରରେ ଜଣେ ରାଜା ରାଜତ୍ୱ କରୁଥିଲେ। ତାଙ୍କୁ ପ୍ରବର୍ତ୍ତାଇ ଏ ପୋପ୍‌ମାନେ ଏକ ଯଜ୍ଞ କରାଇଲେ। ଯଜ୍ଞର ବିଧାନ କହି ଏହି ଯଜ୍ଞରେ ସେହି ରାଜାଙ୍କ ପ୍ରିୟତମା ରାଣୀଙ୍କ ସହ ଏକ ଘୋଡ଼ାର ସମାଗମ କରାଇବାରୁ ରାଣୀଙ୍କର ମୃତ୍ୟୁ ହୋଇଥିଲା। ଫଳରେ ରାଜାଙ୍କ ମନରେ ବୈରାଗ୍ୟ ଜାତ ହେଲା। ସେ ନିଜ ପୁତ୍ରକୁ ରାଜ୍ୟ ଅର୍ପଣ କରିଦେଇ ସାଧୁ ହୋଇଗଲେ ଏବଂ ଏହି ଦୁରାଚାରୀ ପୋପ୍‌ମାନଙ୍କର ଗୁମର ସବୁ ଖୋଲିବାକୁ ଲାଗିଲେ। ଏହି କାରଣରୁ ନାସ୍ତିକ ମତ ଶାଖା ରୂପରେ **'ଚାର୍ବାକ୍'** ଓ **'ଆଭାଣକ'** ମତର ଉଦୟ ହେଲା। ସେମାନେ ଏପରି ଶ୍ଳୋକମାନ ରଚନା କଲେ —

**ପଶୁଶ୍ଚେନ୍ନିହତଃ ସ୍ୱର୍ଗଂ ଜ୍ୟୋତିଷ୍ଟୋମେ ଗମିଷ୍ୟତି।**
**ସ୍ୱପିତା ଯଜମାନେନ ତତ୍ର କଥଂ ନ ହିଂସ୍ୟତେ ॥ ୧ ॥**
**ମୃତାନାମିହ ଜନ୍ତୂନାଂ ଶ୍ରାଦ୍ଧଂ ଚେତ୍ ତୃପ୍ତିକାରଣମ୍।**
**ଗଚ୍ଛତାମିହ ଜନ୍ତୂନାଂ ବ୍ୟର୍ଥଂ ପାଥେୟକଳ୍ପନମ୍ ॥ ୨ ॥** (ସର୍ବଦର୍ଶନସଂଗ୍ରହ-ଚାର୍ବାକ୍ ଦର୍ଶନ. ୪,୫)

ପଶୁକୁ ମାରି ହୋମ କଲେ ସେ ପଶୁ ଯଦି ସ୍ୱର୍ଗକୁ ଯାଏ, ତେବେ ଯଜମାନ ନିଜ ପିତା ପ୍ରଭୃତିଙ୍କୁ ମାରି ଅଗ୍ନିକୁଣ୍ଡରେ ହୋମ କରି ସ୍ୱର୍ଗକୁ କାହିଁକି ପଠାଇ ଦେଉନାହାନ୍ତି? ॥ ୧ ॥

ଶ୍ରାଦ୍ଧ ଓ ତର୍ପଣ କରି ଯଦି ମୃତବ୍ୟକ୍ତିକୁ ତୃପ୍ତ କରାଯାଇପାରେ, ତେବେ ପ୍ରବାସକୁ ଯାଉଥିବା ଲୋକକୁ, ଖାଇବା-ପିଇବା ପାଇଁ ଟଙ୍କା-ପଇସା, ଖାଦ୍ୟ-ଦ୍ରବ୍ୟ ଦେବା ଅନାବଶ୍ୟକ। ଶ୍ରାଦ୍ଧ-ତର୍ପଣ ଦ୍ୱାରା ଯଦି ମୃତ ବ୍ୟକ୍ତି ପାଖରେ ଅନ୍ନ-ଜଳ ପହଞ୍ଚିଯାଉଛି, ତେବେ ଜୀବିତ ଥାଇ ପ୍ରବାସରେ ରହୁଥିବା କିମ୍ବା ରାସ୍ତାରେ ଯାତ୍ରା କରୁଥିବା ବ୍ୟକ୍ତି ପାଇଁ ଘରେ ରନ୍ଧା ହୋଇଥିବା ଖାଦ୍ୟକୁ ପତ୍ରରେ ବାଢ଼ି ଓ ଢାଳରେ ପାଣି ଭର୍ତ୍ତି କରି ତା' ନାମରେ ରଖିଲେ କାହିଁକି ତା' ପାଖରେ ପହଞ୍ଚେ ନାହିଁ? ଯଦି ବଢ଼ା ଯାଇଥିବା ଖାଦ୍ୟ-ପେୟ ଜୀବିତ ଥାଇ ସୁଦ୍ଧା ଦୂର ସ୍ଥାନରେ ଥିବା ଅଥବା ଦଶ ହାତ ଦୂରରେ ବସିଥିବା ବ୍ୟକ୍ତି ପାଖରେ ପହଞ୍ଚିପାରୁନାହିଁ, ତେବେ ଶ୍ରାଦ୍ଧ-ତର୍ପଣ ନାମରେ ଦିଆଯାଉଥିବା ଖାଦ୍ୟ-ପେୟ ମୃତବ୍ୟକ୍ତି ନିକଟରେ କୌଣସି ପ୍ରକାରେ ପହଞ୍ଚିପାରିବ ନାହିଁ ॥ ୨ ॥

ସେମାନଙ୍କର ଏପରି ଯୁକ୍ତିସଙ୍ଗତ ଉପଦେଶଗୁଡ଼ିକୁ ଲୋକମାନେ ମାନିବାକୁ ଲାଗିଲେ। ଫଳରେ ସେମାନଙ୍କ ମତାନୁଯାୟୀଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା। ଯେତେବେଳେ ଅନେକ ରାଜା-ଜମିଦାର ସେମାନଙ୍କ ମତ ଗ୍ରହଣ କଲେ, ସେତେବେଳେ ପୋପ୍‌ମାନେ ମଧ୍ୟ ସେମାନଙ୍କ ଆଡ଼କୁ ଢଳିବାକୁ ଲାଗିଲେ। କାରଣ ପୋପ୍‌ଙ୍କ କାମ ହେଲା ଯୁଆଡୁ ପେଟପୂଜା ଓ ପକେଟଗରମ ଭଲ ହେବ ସେପଟେ ଚାଲିଯିବା। ତେଣୁ ଏମାନେ ଶୀଘ୍ର ଜୈନ ହେବାକୁ ଲାଗିଲେ। ଜୈନ ମତରେ ମଧ୍ୟ ଅନ୍ୟପ୍ରକାର ପୋପ୍‌ଲୀଳା ବହୁତ ଅଛି। ଦ୍ୱାଦଶ ସମୁଲ୍ଲାସରେ ସେ ସମ୍ପର୍କରେ ଆଲୋଚନା କରାଯିବ। ବହୁତ ଲୋକ ଜୈନ ମତ ସ୍ୱୀକାର କଲେ। କିନ୍ତୁ ବହୁତ ଲୋକ ଯେଉଁମାନେ କି ପାର୍ବତ୍ୟ ପ୍ରଦେଶରେ ତଥା କାଶୀ, କନୌଜ ଏବଂ ପଶ୍ଚିମ ଓ ଦକ୍ଷିଣ ପ୍ରଦେଶରେ ବାସ କରୁଥିଲେ, ସେମାନେ ଜୈନ ମତ ଗ୍ରହଣ କଲେ ନାହିଁ। ଜୈନମାନେ ବେଦର ପ୍ରକୃତ ଅର୍ଥ ନ ବୁଝି, ବେଦ ନାମରେ ଧୂର୍ତ୍ତ ପାଖଣ୍ଡୀମାନଙ୍କ ଦ୍ୱାରା ଦୁନିଆରେ ଚାଲିଥିବା ପୋପ୍‌ଲୀଳାକୁ ଭ୍ରମବଶତଃ ବେଦର ସିଦ୍ଧାନ୍ତ ବୋଲି ବିଚାର କରି ବେଦର ମଧ୍ୟ ନିନ୍ଦା କରିବାକୁ ଲାଗିଲେ। ବେଦର ପଠନ-ପାଠନ, ଯଜ୍ଞୋପବୀତାଦି ଚିହ୍ନ ଧାରଣ ଏବଂ ବ୍ରହ୍ମଚର୍ଯ୍ୟାଦି ନିୟମପାଳନ ଆଦିକୁ ବି ନାଶ କରିଦେଲେ। ବେଦାଦି ଶାସ୍ତ୍ର ବିଷୟରେ ଯେଉଁଠି ଯେତେ ଗ୍ରନ୍ଥ ପାଇଲେ ସବୁ ନଷ୍ଟ କରିଦେଲେ। ଆର୍ଯ୍ୟମାନଙ୍କ ଉପରେ ବହୁତ ରାଜତ୍ୱ କଲେ, ବହୁ ଦୁଃଖ ଦେଲେ। ଯେତେବେଳେ ବହୁ ରାଜ୍ୟାଧୀଶ ସେମାନଙ୍କ ମତାବଲମ୍ବୀ ହୋଇଯିବା ଦ୍ୱାରା ସେମାନଙ୍କର ଆଉ କାହାକୁ ଡର-ଭୟ ରହିଲା ନାହିଁ, ସେତେବେଳେ ନିଜ ମତର ଗୃହସ୍ଥ ଓ ସାଧୁମାନଙ୍କୁ ପ୍ରତିଷ୍ଠା, ମାନ-ସମ୍ମାନ ଏବଂ ବେଦମାର୍ଗୀଙ୍କୁ ଅପମାନ ଓ ପକ୍ଷପାତପୂର୍ବକ ଦଣ୍ଡ ବି ଦେବାକୁ ଲାଗିଲେ। ନିଜେ ବିଭବ-ବିଳାସ ଓ ଅହଂକାରରେ ମତ୍ତ ହୋଇ, ଧରାକୁ ସରା ମନେକରିବାକୁ ଲାଗିଲେ। ଋଷଭଦେବଙ୍କଠାରୁ ଆରମ୍ଭ କରି ମହାବୀରଙ୍କ ପର୍ଯ୍ୟନ୍ତ ନିଜର ତୀର୍ଥଙ୍କରଙ୍କ ବିରାଟ-ବିରାଟ ମୂର୍ତ୍ତି ତିଆରି କରି ପୂଜା-ଆରାଧନା କରିବାକୁ ଲାଗିଲେ। **ଏହିପରି ଭାବେ ପାଷାଣାଦି ମୂର୍ତ୍ତିପୂଜାର ପ୍ରଚଳନ ଜୈନମାନଙ୍କଠାରୁ ଆରମ୍ଭ ହେଲା।** ସଂସାରରେ ପରମେଶ୍ୱରଙ୍କୁ ମାନିବା, ତାଙ୍କ ଉପାସନା କରିବା ହ୍ରାସ ହେବାକୁ ଲାଗିଲା, ଲୋକେ ପାଷାଣାଦି ମୂର୍ତ୍ତିପୂଜାରେ ମାତିବାକୁ ଲାଗିଲେ। ଏହିପରି ଭାବରେ ତିନି ଶହ ବର୍ଷ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତରେ ଜୈନମାନଙ୍କର ରାଜତ୍ୱ ଚାଲିଲା। ଏହି ସମୟ ମଧ୍ୟରେ ସେମାନଙ୍କ ସହିତ ମିଶି ଆର୍ଯ୍ୟମାନେ ବେଦାର୍ଥ-ଜ୍ଞାନରୁ ପ୍ରାୟ ଶୂନ୍ୟ ହୋଇ ଶୂଦ୍ର ପ୍ରାୟ ହୋଇଯାଇଥିଲେ। ଏ ଘଟଣାକୁ ଅନୁମାନତଃ ପ୍ରାୟ ଅଢ଼େଇ ହଜାର ବର୍ଷ ହେଲାଣି।

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

❖❖❖

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ – **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୪୪୯ | ୩୨୯ | ୭୭୮ | ୧୭. | ଭଦ୍ରକ | ୨୦ | ୩୨ | ୫୨ |
| ୦୨. | ଖୋର୍ଦ୍ଧା | ୨୭୨ | ୧୫୯ | ୪୩୧ | ୧୮. | ବୌଦ୍ଧ | ୧୮ | ୪୪ | ୬୨ |
| ୦୩. | କଟକ | ୨୧୯ | ୩୨୮ | ୫୪୭ | ୧୯. | ଜଗତସିଂହପୁର | ୧୭ | ୧୧ | ୨୮ |
| ୦୪. | ସୁନ୍ଦରଗଡ଼ | ୨୦୦ | ୩୭୨ | ୫୭୨ | ୨୦. | ନୟାଗଡ଼ | ୧୬ | ୧୬ | ୩୨ |
| ୦୫. | ବରଗଡ଼ | ୧୭୩ | ୨୧୨ | ୩୯୦ | ୨୧. | ଝାରସୁଗୁଡ଼ା | ୧୪ | ୦୧ | ୧୫ |
| ୦୬. | କୋରାପୁଟ | ୭୮ | ୯୨ | ୧୭୦ | ୨୨. | ଢେଙ୍କାନାଳ | ୧୧ | ୩୪ | ୪୫ |
| ୦୭. | ବଲାଙ୍ଗିର | ୬୯ | ୧୬୬ | ୨୩୫ | ୨୩. | ଯାଜପୁର | ୦୮ | ୩୧ | ୩୯ |
| ୦୮. | ସୁବର୍ଣ୍ଣପୁର | ୬୦ | ୧୧୮ | ୧୭୮ | ୨୪. | କଳାହାଣ୍ଡି | ୦୮ | ୦୪ | ୧୨ |
| ୦୯. | ରାୟଗଡ଼ା | ୫୨ | ୭୭ | ୧୨୯ | ୨୫. | କେନ୍ଦୁଝର | ୦୮ | ୦୫ | ୧୩ |
| ୧୦. | ସମ୍ବଲପୁର | ୪୯ | ୮୧ | ୧୩୦ | ୨୬. | କେନ୍ଦ୍ରାପଡ଼ା | ୦୬ | ୧୨ | ୧୮ |
| ୧୧. | ଅନୁଗୁଳ | ୪୬ | ୧୪୪ | ୧୯୦ | ୨୭. | ଗଜପତି | ୦୭ | ୧୦ | ୧୭ |
| ୧୨. | ବାଲେଶ୍ୱର | ୪୦ | ୧୯ | ୫୯ | ୨୮. | ଦେବଗଡ଼ | ୦୩ | ୧୧ | ୧୪ |
| ୧୩. | ମୟୂରଭଞ୍ଜ | ୩୯ | ୧୯ | ୫୮ | ୨୯. | ନୂଆପଡ଼ା | ୦୨ | ୦୩ | ୦୫ |
| ୧୪. | ପୁରୀ | ୩୯ | ୨୦ | ୫୯ | ୩୦. | ନବରଙ୍ଗପୁର | ୦୧ | ୦୩ | ୦୪ |
| ୧୫. | ମାଲକାନଗିରି | ୩୦ | ୮୦ | ୧୧୦ | ୩୧. | ଅନ୍ୟାନ୍ୟ | ୫୪ | ୩୨ | ୮୬ |
| ୧୬. | କନ୍ଧମାଳ | ୨୭ | ୧୩୨ | ୧୫୯ | | **ମୋଟ** | **୨୦୩୫** | **୨୫୯୭** | **୪୬୩୨** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୭୭ | ୯୦ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୬୭ | ୦୮ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୬୦ | ୦୭ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୪୮ | ୨୫ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୪୪ | ୬୪ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୭ | ୩୪ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୪ | ୭୮ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୩ | ୧୧ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୩୧ | ୩୪ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୧୦ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୦ | ୧୬ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୨୮ | ୭୩ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୮ | ୧୪ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୪ | ୫୬ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୪ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୧ | ୪୪ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୭ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୧୧ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୮ | ୧୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୭ | ୦୬ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୬ | ୩୫ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୨୪ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୧୫ | ୫୯ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୫ | ୦୨ |
| ବେଦ ପ୍ରଚାର ସମିତି, ଜୟପୁର | | ୧୪ | ୧୦ |
| ବେଦ ପ୍ରଚାର ସମିତି, କଟକ | | ୧୪ | ୫୭ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୪ | ୨୫ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୪ | ୧୩ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୬ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୩ | ୦୮ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୩ | ୦୭ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୨ | ୪୦ |
| ଶ୍ରୀମାନ୍ ଶ୍ରୀବସ୍ତ ପାଣିଗ୍ରାହୀ | କଟକ | ୧୨ | ୩୨ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୧୩ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୩ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୧ | ୨୪ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୬ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର | | ୧୧ | ୦୧ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୦ | ୨୮ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୦ | ୨୦ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୧୬ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୪ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୦୯ | ୪୫ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୦୯ | ୨୧ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୮ | ୧୯ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୧୭ |

| | | | |
|---|---|---|---|
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୧୩ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୮ | ୧୩ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୮ | ୦୯ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୮ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୭ | ୨୯ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୨୪ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୫ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୭ | ୧୨ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୭ | ୦୮ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୭ | ୦୭ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୦୭ | ୦୧ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୧ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୦୬ | ୪୩ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୩୪ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୬ | ୨୦ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୧୬ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୬ | ୧୩ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୨ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୦୬ | ୦୮ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୬ | ୦୨ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୧ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୩୭ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୫ | ୩୫ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୫ | ୨୯ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୫ | ୧୫ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୫ | ୧୨ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୭ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୭ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୫ | ୦୪ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୫ | ୦୨ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୧ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୫ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୧ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୫ | ୦୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୪ | ୨୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୪ | ୨୭ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୧୯ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୬ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୫ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୪ | ୦୫ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୦୪ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୨ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୨ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୪ | ୦୧ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | | ୦୪ | ୦୧ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୪ | ୦୦ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |

| | | | |
|---|---|---|---|
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୩ | ୬୩ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୦୩ | ୪୮ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୩ | ୨୮ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୩ | ୧୭ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୩ | ୧୨ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୩ | ୧୦ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୧୦ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୧୦ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୩ | ୦୭ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୫ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୩ | ୦୩ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୩ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୩ | ୦୩ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୨ | ୪୨ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୯ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୨୮ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୨ | ୨୪ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୧୩ |
| ଶ୍ରୀମାନ୍ କ୍ଷୀରୋଦ୍ ଚନ୍ଦ୍ର ମିଶ୍ର | କଟକ | ୦୨ | ୦୯ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୨ | ୦୪ |
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୨ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୨ | ୦୧ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୦୨ | ୦୧ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୨ | ୦୧ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୧ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ମଲ୍ଲିକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ ଶାନ୍ତିଲତା ମିଶ୍ର | ଗଞ୍ଜାମ | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |
| ଶ୍ରୀମାନ୍ ସତ୍ୟନାରାୟଣ ପ୍ରଧାନ | ବଲାଙ୍ଗିର | ୦୧ | ୨୩ |
| ଶ୍ରୀମାନ୍ ଅଶ୍ୱିନୀ କୁମାର ପଟ୍ଟନାୟକ | କୋରାପୁଟ | ୦୧ | ୨୦ |
| ଶ୍ରୀମାନ୍ ସନାତନ ବେଉରା | କଟକ | ୦୧ | ୧୯ |
| ବେଦ ପ୍ରଚାର ସମିତି, ବାଲିମେଳା | | ୦୧ | ୧୪ |
| ଶ୍ରୀମାନ୍ ନାରାୟଣ ଲୁହା | ବଲାଙ୍ଗିର | ୦୧ | ୧୩ |
| ଶ୍ରୀମାନ୍ କିଶୋର ଚନ୍ଦ୍ର ଜେନା | ରାୟଗଡ଼ା | ୦୧ | ୦୯ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୧ | ୦୯ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୧ | ୦୭ |
| ଶ୍ରୀମାନ୍ ବାଦଲ କୁମାର ମହାରଣା | ଅନୁଗୁଳ | ୦୧ | ୦୭ |
| ଶ୍ରୀମାନ୍ ଜଗଦୀଶ ମହାନ୍ତି | କୋରାପୁଟ | ୦୧ | ୦୭ |
| ଶ୍ରୀମାନ୍ ଗୋପାଳ ଚନ୍ଦ୍ର ମହାପାତ୍ର | ଗଞ୍ଜାମ | ୦୧ | ୦୭ |
| ଶ୍ରୀମାନ୍ ଦିଲ୍ଲୀପ ସାହୁ | ବରଗଡ଼ | ୦୧ | ୦୭ |
| ଶ୍ରୀମତୀ ପାର୍ବତୀ ସ୍ୱାଇଁ | କଟକ | ୦୧ | ୦୬ |
| ଶ୍ରୀମାନ୍ ଦୁର୍ଯ୍ୟୋଧନ କାଠୁଆ | ଖୋର୍ଦ୍ଧା | ୦୧ | ୦୫ |
| ଶ୍ରୀମତୀ ଆଶାଲତା ଦାସ | ସୁନ୍ଦରଗଡ଼ | ୦୧ | ୦୫ |
| ଶ୍ରୀମାନ୍ ସଞ୍ଜୟ କୁମାର ପାତ୍ର | ଗଞ୍ଜାମ | ୦୧ | ୦୫ |
| ଶ୍ରୀମାନ୍ କାର୍ତ୍ତିକ ମେହେର | ସୁବର୍ଣ୍ଣପୁର | ୦୧ | ୦୫ |
| ଶ୍ରୀମାନ୍ ପଦ୍ମଲୋଚନ ତାଣ୍ଡି | ବଲାଙ୍ଗିର | ୦୧ | ୦୪ |

(ଅବଶିଷ୍ଟାଂଶ ପୃଷ୍ଠା- ୧୩)




ବ୍ରହ୍ମପୁରରୁ ଆଗତ ଶିବିରାର୍ଥୀଗଣ




ଭଞ୍ଜନଗର ଆଦି ଅଞ୍ଚଳରୁ ଆଗତ ଶିବିରାର୍ଥୀଗଣ




ଚିକିଟି ଅଞ୍ଚଳରୁ ଆଗତ ଶିବିରାର୍ଥୀଗଣ




ଖୋର୍ଦ୍ଧା ଜିଲ୍ଲାର ଶିବିରାର୍ଥୀଗଣ




ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀର ଶିବିରାର୍ଥୀଗଣ




ବରଗଡ଼ରୁ ଆଗତ ଶିବିରାର୍ଥୀଗଣ



ପଦ୍ମପୁର ଅଞ୍ଚଳରୁ ଆଗତ ଶିବିରାର୍ଥୀଗଣ




ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଶିବିରାର୍ଥୀଗଣ




ବଲାଙ୍ଗିର ଜିଲ୍ଲାର ଶିବିରାର୍ଥୀଗଣ



ସମ୍ବଲପୁର ଜିଲ୍ଲାର ଶିବିରାର୍ଥୀଗଣ

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 2 Issue 6 Sept.-Oct. 2017




କଟକର ପୁରୁଷ ଓ ମହିଳା ଶିବିରାର୍ଥୀଗଣ




ସୁନ୍ଦରଗଡ଼ ଜିଲ୍ଲାର ପୁରୁଷ ଓ ମହିଳା ଶିବିରାର୍ଥୀଗଣ



କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଶିବିରାର୍ଥୀଗଣ



ଅନୁଗୁଳ, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାର ଶିବିରାର୍ଥୀଗଣ

**Shruti Sourabha**
**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**